ସାଧାରଣ ଲୋକଙ୍କ ଖବରକାଗଜ
# ପର୍ଯ୍ୟବେକ୍ଷକ 25
PARYABEKHYAK
पर्यवेक्षक

Vol.26 . No.278 Bhubaneswar Thursday December 21 2023 | ୨୬ତମ ବର୍ଷ ସଂଖ୍ୟା–୨୭୮ ଭୁବନେଶ୍ୱର, ଗୁରୁବାର, ଡିସେମ୍ବର ୨୧, ୨୦୨୩ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹1.50 | (Air Surcharge - 0.50P) | Member-INS

# ଆଉ ରହିବନି ଆଇପିସି, ସିଆରପିସି : ସଂସଦରେ ୩ ବିଲ ପାସ୍

ଭୁବନେଶ୍ୱର,୨୦।୧୨(ପି.ଏନ): ବ୍ରିଟିଶ ଶାସନ ସମୟରୁ ପ୍ରଚଳିତ ଭାରତୀୟ ଅପରାଧିକ ଆଇନରେ ହୋଇଛି ପରିବର୍ତ୍ତନ। ଏଣିକି ଆଉ ରହିବନି ଆଇପିସି, ସିଆରପିସି ଓ ଆଇଇଏ। ଏବେ ଅପରାଧ ପାଇଁ ଭାରତୀୟ ନ୍ୟାୟ ସଂହିତା ବଳରେ ଦଣ୍ଡବିଧାନ କରାଯିବ। କାରଣ ରାଜ୍ୟସଭା ପରେ ଲୋକସଭାରେ ପାରିତ ହୋଇଛି ଭାରତୀୟ ନ୍ୟାୟ ସଂହିତା ବିଲ୍ ?। ରାଷ୍ଟ୍ରପତି ମୋହର ମାରିବା କ୍ଷଣି ଏହା ଆଇନରେ ପରିବର୍ତ୍ତନ ହେବ। ଭାରତ ସରକାର ବ୍ରିଟିଶ ଅମଳର ଆଇନକୁ ବଦଳାଇବା ପାଇଁ ମୋଟ ୩ଟି ବିଲ୍ ? ଆଣିଥିଲେ। ୧୮୬୦ ମସିହାକୁ ପ୍ରଚଳିତ ଆଇପିସି ବଦଳରେ ଏବେ ଭାରତୀୟ ନ୍ୟାୟ ସଂହିତା ଲାଗୁ ହେବ। ସେହିପରି ସିଆରପିସି ବଦଳରେ ଭାରତୀୟ ନାଗରିକ ସୁରକ୍ଷା ଓ ଭାରତୀୟ ପ୍ରମାଣ ଆଇନ ୧୮୭୨(ଆଇଇଏ) ବଦଳରେ ଭାରତୀୟ ସାକ୍ଷ୍ୟ ଆଇନ ଲାଗୁ କରାଯିବ।ଆଜି ସ୍ୱରାଷ୍ଟ୍ର ମନ୍ତ୍ରୀ



ଅମିତ ଶାହ ଏହାକୁ ଆଜି ଲୋକସଭାରେ ଉପସ୍ଥାପନ କରିଥିଲେ। ଏହାପରେ ସେ ବିଲ୍ ?ରେ ଥିବା ବ୍ୟବସ୍ଥା ସମ୍ପର୍କରେ ବିସ୍ତୃତ ତଥ୍ୟ ଦେଇଥିଲେ। ବିରୋଧୀ ଦଳର ଅଧିକାଂଶ ସାଂସଦ ନିଲମ୍ବିତ ହୋଇଥିବାରୁ ଲୋକସଭା ପୂରା ଖାଲି ପଡିଥିଲା। ଏହାରି ଭିତରେ ଅମିତ ଶାହ ୩ ବିଲ୍ ? ସମ୍ପର୍କରେ ବିସ୍ତୃତ ତଥ୍ୟ ଉପସ୍ଥାପନ କରିଥିଲେ। ଏଥିସହ ୩ ବିଲ୍ ?କୁ ବିନା ବିରୋଧରେ ପାସ୍ ? ମଧ୍ୟ କରାଇଥିଲେ।

## ୨୦୨୪ ସାଧାରଣ ନିର୍ବାଚନ ପାଇଁ ରଣନୀତି ଦିଲ୍ଲୀରେ ହେଲା ପ୍ରସ୍ତୁତ

ଭୁବନେଶ୍ୱର ,୨୦।୧୨(ପି.ଏନ): ଆସ'। ସାଧାରଣ ନିର୍ବାଚନ ପାଇଁ ଆଜି ଏଆଇସିସି ମୁଖ୍ୟାଳୟ ଦିଲ୍ଲୀ ଠାରେ ଅଖିଳ ଭାରତ ଜାତୀୟ କଂଗ୍ରେସର ସଭାପତି ଶ୍ରୀ ମଲ୍ଲିକାର୍ଜ୍ଜୁନ ଖଡ଼ଗେଙ୍କ ସଭାପତିତ୍ୱରେ ପୂର୍ବତନ କଂଗ୍ରେସ ସଭାପତି ତଥା ସାଂସଦ ଶ୍ରୀ ରାହୁଲ ଗାନ୍ଧୀ, ସାଂସଦ ଶ୍ରୀ କେସି ଭେନୁ ଗୋପାଳ, ଓଡ଼ିଶା ପ୍ରଭାରୀ ସାଂସଦ ଡ. ଏ ଚେଲ୍ଲା କୁମାରଙ୍କ ସହିତ ଓଡ଼ିଶାର ବହୁ ବରିଷ୍ଠ କଂଗ୍ରେସ ନେତୃବୃନ୍ଦ ମାନଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ହୋଇଥିଲା। ଆସ'। ସାଧାରଣ ନିର୍ବାଚନରେ ରାଜ୍ୟରେ କଂଗ୍ରେସ କ୍ଷମତା ଦଖଲ କରିବା ସହିତ କିଭଳି ଅଧିକ ସାଂସଦ ନିର୍ବାଚିତ ହେବେ ସେଥିପାଇଁ ଏଆଇସିସିର ନେତୃବର୍ଗ ରାଜ୍ୟ ନେତୃବର୍ଗଙ୍କ ସହ ବିଚାର ବିମର୍ଷ କରି ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରାଯାଇଛି। ରାଜ୍ୟ କଂଗ୍ରେସ ସଭାପତି ଶ୍ରୀ ଶରତ ପଟ୍ଟନାୟକଙ୍କ ସମେତ ଓଡ଼ିଶାର ସମସ୍ତ ନେତୃବର୍ଗ ଶ୍ରୀ ରାହୁଲ ଗାନ୍ଧୀ ତଥା ଶ୍ରୀ ମଲ୍ଲିକାର୍ଜ୍ଜୁନ ଖଡ଼ଗେ ଏବଂ ଶ୍ରୀମତୀ ପ୍ରିୟଙ୍କା ଗାନ୍ଧୀଙ୍କ ସମେତ ଅନ୍ୟ ବରିଷ୍ଠ କଂଗ୍ରେସ ନେତୃବୃନ୍ଦ ଅତିଶୀଘ୍ର ଓଡ଼ିଶାକୁ ଆସିବାପାଇଁ ନିମନ୍ତ୍ରଣ କରିଛଁି। ଶ୍ରୀ ମଲ୍ଲିକାର୍ଜ୍ଜୁନ ଖଡ଼ଗେ, ଶ୍ରୀ ରାହୁଲ ଗାନ୍ଧୀ ଏବଂ ଶ୍ରୀମତୀ ପ୍ରିୟଙ୍କା ଗାନ୍ଧୀଙ୍କ ସମେତ ଓଡ଼ିଶା ଆସିବା ପାଇଁ ସମ୍ମତି ଦେଇଛଁି। ଓଡ଼ିଶା ସଂଗଠନ ସହିତ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଦୀର୍ଘ ସମୟ ଧରି ଆଲୋଚନା ହୋଇଛି। ଶ୍ରୀ ରାହୁଲ ଗାନ୍ଧୀ ଓଡ଼ିଶାର ଅନୁସୂଚିତ ଜାତି, ଜନଜାତି ତଥା ସଂଖ୍ୟାଲଘୁ ଏବଂ ପଛୁଆବର୍ଗଙ୍କ ସମେତ ଅର୍ଥନୈତିକ ଅନଗ୍ରସର ଶ୍ରେଣୀଙ୍କ ବିକାଶ ନିମେ˘ କି ପଦକ୍ଷେପ ନିଆଯାଇଛି ଏବଂ କ'ଣ ସବୁ ପଦକ୍ଷେପ ନେଲେ ଓଡ଼ିଶାରେ ଏହି ବଡ଼ବର୍ଗଙ୍କର ବିକାଶ ଘଟିବ ସେଥିପାଇଁ ଏକ ସ୍ୱତନ୍ତ୍ର ଖସଡ଼ା ପ୍ରସ୍ତୁତ କରିବାପାଇଁ ରାଜ୍ୟ କଂଗ୍ରେସ ନେତୃବୃନ୍ଦଙ୍କୁ କହିଥିବାର ସୂଚନା ମିଳିଛି।

## ଘୋଷଣା

ଯାନ୍ତ୍ରିକ ତ୍ରୁଟି ଯୋଗୁଁ 'ପର୍ଯ୍ୟବେକ୍ଷକ' ୨୦ ତାରିଖ ସଂସ୍କରଣଟି ପ୍ରକାଶ ପାଇ ପାରିନଥିଲା। ଏହି ଅନିଚ୍ଛାକୃତ ତ୍ରୁଟି ପାଇଁ ଆମେ ଦୁଃଖିତ।

**–ପ୍ରକାଶକ**

# ରାଜଧାନୀ ଛୁଆ ଅପହରଣ ନାଟକ ପଛରେ ଦୁଇ ସ୍ୱାମୀ

ଭୁବନେଶ୍ୱର,୨୦।୧୨(ପି.ଏନ):କାହାର ହେବେ ଶାନ୍ତିଲତା ୧୧ ମାସର ଛୁଆ ଥାଇ ମଧ ତାଙ୍କୁ ଦ୍ୱିତୀୟ ସ୍ୱାମୀ ପାଖରେ ରଖିବାକୁ ଚାହୁଁନଥିଲେ। ନିର୍ଯାତନା ପାଇ ପଳାଇ ଆସିଥିବାରୁ ପ୍ରଥମ ସ୍ୱାମୀଙ୍କ ପାଖକୁ ଯିବା ପାଇଁ ରାଜି ନଥିଲେ ଶାନ୍ତିଲତା। ତେଣୁ ଶାନ୍ତିଲତାଙ୍କୁ ମନାଇବା ପାଇଁ ଦୁଇ ସ୍ୱାମୀ କରିଥିଲେ ଛୁଆ ଅପହରଣ ନାଟକ। ହେଲେ କ୍ଲାଇମାକ୍ସ ପୂର୍ବରୁ ଅପହରଣ ନାଟକର ଭାଣ୍ଡାଫୋଡ୍ ହୋଇଗଲା। କମିଶନରେଟ୍ ପୁଲିସ୍ ପଞ୍ଝାରେ ପଡିଗଲେ ଦୁଇ ସ୍ୱାମୀ। ଦୁଇ ସ୍ୱାମୀଙ୍କ ଏହି ନାଟକ ଦେଖି ଚକିତ ହୋଇଯାଇଛନ୍ତି ଶାନ୍ତିଲତା।ଢେଙ୍କାନାଳ ଜିଲ୍ଲା ଭୁବନର ବିଷ୍ଣୁ ପୃଷ୍ଟି ଏକ ସ' ମିଲ୍‌ରେ କାମ କରନ୍ତି। ସେ ଭୁବନେଶ୍ୱର ଅନ୍ଧାରୁଆର ଶାନ୍ତିଲତା ମହାରଣାଙ୍କୁ ବିବାହ କରିଥିଲେ। ବିବାହ ପରେ ସଂସାର ଠିକ୍‌ଠାକ୍ ଚାଲିଥିଲା। ୧୦ରୁ ୧୨ ବର୍ଷ ଧରି ସଂସାର ଗଢ଼ିଥିଲେ। ହେଲେ ହଠାତ୍ ବିଷ୍ଣୁ କୁସଙ୍ଗରେ ପଡି ନିଶା ସେବନ କଲେ। ଆଉ ତା'ପରେ ଶାନ୍ତିଲତାଙ୍କୁ ନାନା ନିର୍ଯାତନା ଦେଲେ। କଥାକଥାରେ ମାଡ ମାରୁଥିବା ଅଭିଯୋଗ ହୋଇଛି। ଯାହାକୁ ନେଇ ଚିନ୍ତାରେ ପଡିଯାଇଥିଲେ ଶାନ୍ତିଲତା। ପ୍ରତିବାଦ କଲେ ନିର୍ଯାତନା ବଢ଼ିଥିଲା ବୋଲି ଶାନ୍ତିଲତା କହିଛନ୍ତି।



# ୬ ନୁହେଁ, ରାଉରକେଲାରେ ଝାଡାବାନ୍ତି ମୃତ୍ୟୁ ସଂଖ୍ୟା ୧୩ରେ ପହଞ୍ଚିଲାଣି !

ଭୁବନେଶ୍ୱର,(ପି.ଏନ) : ସ୍ମାର୍ଟ ସିଟି ରାଉରକେଲାର ସ୍ୱାସ୍ଥ୍ୟ ଅବସ୍ଥା ବେହାଲ୍। ବ୍ୟାପୀ ଚାଲିଛି ଝାଡାବାନ୍ତି। ଗୋଟିଏ ପଡାରୁ ଅନ୍ୟ ପଡାକୁ ଡେଉଁଛି ଝାଡାବାନ୍ତି। ଯେଉଁଥିରେ ଗଲାଣି ସରକାରୀ ଭାବେ ୬ ଜଣଙ୍କ ପ୍ରାଣ। ହେଲେ ବେସରକାରୀ ଭାବେ ୧୩ରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହେଉଛି। ଯାହାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖ ମାଣ୍ଡଭୀୟଙ୍କୁ ଚିଠି ଲେଖି ବ୍ୟକ୍ତିଗତ ଭାବେ ହସ୍ତକ୍ଷେପ କରିବାକୁ ନିବେଦନ କରିଛନ୍ତି। ରାଉରକେଲାର ଛେଣ୍ଡ କଲୋନୀଠୁ ଆରମ୍ଭ କରି ସିଭିଲ୍ ? ଟାଉନସିପ୍, ପାନପୋଷରୁ କୋଏଲ ନଗର; ଏବେ ସବୁଠି ସ୍ଥିତି ଗମ୍ଭୀର। ଝାଡାବାନ୍ତିରେ ସରକାରୀ ଭାବେ ପାନପୋଷର ଗ୍ଲାସନ ସାମନ୍ତ(୩୮), ଉଦିତନଗର ନାନ୍ସି ଦୁବେ(୭୫) ଓ ଅହଲ୍ୟା ନାଏକ(୭୦) ତରକେରାର ଫୁଲ ଟୋଲି ଗୌଡ (୨୩), ସେକ୍ଟର –୨୧ର ସରୋଜିନୀ ଖଣ୍ଡାୟତ(୪୯) ଏବଂ ବନ୍ଧମୁଣ୍ଡା ତିଲକା ନଗରର ଅଞ୍ଜଳି(୮)ଙ୍କ ମୃତ୍ୟୁ ହୋଇଛି। ଏମାନଙ୍କ ମୃତ୍ୟୁ ରାଉରକେଲା ସରକାରୀ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ହୋଇଥିଲା।




# ରାଉରକେଲାରେ ଡାଇରିଆ ସଂକ୍ରମଣକୁ ନିୟନ୍ତ୍ରଣ କରିବା ପାଇଁ ଚିଠି ଲେଖିଲେ କେନ୍ଦ୍ରମନ୍ତ୍ରୀ

ଭୁବନେଶ୍ୱର, ୨୦।୧୨(ପି.ଏନ): ରାଉରକେଲା ସମେତ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଡାଇରିଆ ସଂକ୍ରମଣ ନେଇ ଗଭୀର ଚିନ୍ତାପ୍ରକଟ କରିବା ସହ ସଂକ୍ରମଣକୁ ନିୟନ୍ତ୍ରଣ କରିବା ସହ ରୋକିବା ପାଇଁ ଏହି ସବୁ ଅଞ୍ଚଳକୁ ଅବିଳମ୍ବେ କେନ୍ଦ୍ରୀୟ ସହାୟତା ଯୋଗାଇ ଦେବା ପାଇଁ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମନସୁଖ ମାଣ୍ଡଭୀୟଙ୍କୁ ଚିଠି ଲେଖି ଅନୁରୋଧ କରିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ ରାଉରକେଲାରେ ଡାଇରିଆ ସଂକ୍ରମଣ ବୃଦ୍ଧି ପାଇବା କାରଣରୁ



ଲୋକଙ୍କ ସ୍ୱାସ୍ଥ୍ୟ ପ୍ରତି ବିପଦ ଦେଖାଯାଇଛି । ବର୍ତ୍ତମାନ ସୁଦ୍ଧା ଏହି ରୋଗରେ ଅନେକ ଲୋକଙ୍କ ମୃତ୍ୟୁ ହୋଇଥିବା ବେଳେ ୬୦୦ରୁ ଅଧିକ ଲୋକମାନେ ଚିକିତ୍ସାଧୀନ ଥିବା କୁହାଯାଉଛି । ପାଣି ସଂକ୍ରମିତ ହୋଇଥିବା କାରଣରୁ ଏହି ରୋଗ ବ୍ୟାପୁଥିବା ସନ୍ଦେହ କରାଯାଉଛି । ଫଳସ୍ୱରୂପ ଅଧିକରୁ ଅଧିକ ଲୋକମାନଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ସମସ୍ୟା ପରିଲକ୍ଷିତ ହେଉଛି । ରାଉରକେଲା ଏବଂ ଆଖପାଖ ଅଞ୍ଚଳର ଲୋକଙ୍କ କଲ୍ୟାଣକୁ ଦୃଷ୍ଟିରେ ରଖି ରାଉରକେଲାକୁ କେନ୍ଦ୍ରୀୟ ସହାୟତା ପଠାଇ ସଂକ୍ରମଣକୁ ରୋକିବା ଦିଗରେ ବିହିତ ପଦକ୍ଷେପ ନେବାକୁ ଶ୍ରୀ ପ୍ରଧାନ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ବ୍ୟକ୍ତିଗତ ହସ୍ତକ୍ଷେପ ଲୋଡିଛନ୍ତି । ଅନୁରୂପ ଭାବରେ ଏହି ଘଟଣାରେ ପତ୍ର ଲେଖିବା ପୂର୍ବରୁ ଶ୍ରୀ ପ୍ରଧାନ ଟ୍ୱିଟ୍ କରି କହିଥିଲେ ଯେ ରାଉରକେଲା ସହର ସହିତ ଆଖପାଖ ଅଞ୍ଚଳରେ ଗତ କିଛି ଦିନ ହେବ ଡାଇରିଆ ଲାଗି ରହିଥିବା କାରଣରୁ ଲୋକମାନେ ମୃତ୍ୟୁବରଣ କରିଥିବା ଖବର ଶୁଣି ମୁଁ ଦୁଃଖିତ ଓ ମର୍ମାହତ । ଅମର ଆତ୍ମାର ସଦଗତି କାମନା କରିବା ସହ ଆକ୍ରାନ୍ତଙ୍କ ଆଶୁ ଆରୋଗ୍ୟ କାମନା କରୁଛି । ଚିକିତ୍ସିତ ହେଉଥିବା ଲୋକମାନେ ଶୀଘ୍ର ସୁସ୍ଥ ହୋଇ ଘରକୁ ଫେରନ୍ତୁ, ଏହା ମହାପ୍ରଭୁଙ୍କ ପାଖରେ ପ୍ରାର୍ଥନା ।

ରାଉରକେଲା ଭଳି ମହାନଗର ଅଞ୍ଚଳରେ ଡାଇରିଆ ସଂକ୍ରମଣରେ ଶତାଧିକ ଲୋକ ଆକ୍ରାନ୍ତ ହେବା ଓ ପ୍ରଶାସନର ନିୟନ୍ତ୍ରଣ ବାହାରକୁ ଚାଲିଥିବା ଚିନ୍ତାଜନକ । ରାଜ୍ୟ ସରକାର ତୁରନ୍ତ ଏହି ସମ୍ବେଦଶୀଳ ଘଟଣାକୁ ଗୁରୁତ୍ୱର ସହ ନେଇ ଚିକିତ୍ସିତ ହେଉଥିବା ଲୋକଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ପ୍ରଦାନ କରିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ନିଅନ୍ତୁ । ସଂକ୍ରମିତ ଅଞ୍ଚଳରେ ଘର ଘର ବୁଲି ଲୋକ ମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ସଚେତନତା ସୃଷ୍ଟି କରାଯାଉ । ସଂକ୍ରମଣକୁ ରୋକିବା ପାଇଁ କେନ୍ଦ୍ରୀୟ ସଂସ୍ଥାର ସହଯୋଗ ନେବା ସହ ଉକ୍ତ ଅଞ୍ଚଳରେ ନାଗରିକଙ୍କୁ ଅତ୍ୟାବଶ୍ୟକ ସାହାଯ୍ୟ ଓ ସହଯୋଗ ଯୋଗାଇ ଦେବା ପାଇଁ ତ୍ୱରିତ ପଦକ୍ଷେପ ନିଅନ୍ତୁ ବୋଲି ଶ୍ରୀ ପ୍ରଧାନ ଏକ୍ସରେ ଉଲ୍ଲେଖ କରିଥିଲେ ।

## ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



### ୰ ମହେନ୍ଦ୍ର ପ୍ରସାଦ ପଣ୍ଡା

ଆବିର୍ଭାବ : ୧୯.୦୫.୧୯୪୪
ତିରୋଧାନ : ୧୧.୧୨.୨୦୨୩

ଆଜି ଏକାଦଶାହରେ ଆମେ ସମସ୍ତେ ଆପଣଙ୍କ ଅମର ଆତ୍ମା ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ। ଈଶ୍ୱରଙ୍କୁ ଆନ୍ତରିକ ପ୍ରାର୍ଥନା କରୁଛୁ ଆପଣଙ୍କ ଆତ୍ମା ପରମ ଶାନ୍ତି ଓ ସଦ୍‌ଗତି ଲାଭ କରୁ ।

ସ୍ତ୍ରୀ–ମଞ୍ଜୁଲତା, ପୁଅ–ସତ୍ୟବାନ ସିଦ୍ଧାର୍ଥ,
ବୋହୂ– ସଂଯୁକ୍ତା, ପୁତ୍ର– ସାର୍ଥକ, ଝିଅ–ସୌମ୍ୟା
ସଂଘମିତ୍ରା, ସ୍ମିତା ସୁଚରିତା, ଭାଇ– ପଦ୍ମନାଭ,
ହେମେନ୍ଦ୍ର, ରବୀନ୍ଦ୍ର, ସୌମେନ୍ଦ୍ର ଏବଂ
ପଣ୍ଡା ପରିବାରବର୍ଗ ।

# 'ସିଙ୍ଗଡା ନମିଳିବାରୁ ନୀତୀଶଙ୍କ ସାଂସଦମାନେ ଖପ୍ପା'

ନୂଆଦିଲ୍ଲୀ,୨୦।୧୨(ପି.ଏନ): ମଙ୍ଗଳବାର ନୂଆଦିଲ୍ଲୀରେ ବସିଥିଲା ବିରୋଧୀଙ୍କ ମେଣ୍ଟ 'INDIA'ର ବୈଠକ। ଏହା ଥିଲା ସେମାନଙ୍କର ଚତୁର୍ଥ ବୈଠକ। ତେବେ ଏହି ବୈଠକକୁ ନେଇ କଂଗ୍ରେସର ଗୋଡ ଟାଣିଛନ୍ତି ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ଦଳ ଜେଡିୟୁର ସାଂସଦ ସୁନୀଲ କୁମାର ପିଣ୍ଟୁ।ସେ କହିଛନ୍ତି, ଗତକାଲି ବୈଠକରେ ବିଭିନ୍ନ ଦଳର ବଡ ବଡ ନେତାମାନେ ଯୋଗ ଦେଇଥିଲେ। ଆସନ ଭାଗବଣ୍ଟା ନେଇ ଆଲୋଚନା ପାଇଁ ସମସ୍ତେ ଆସିଥିଲେ। କିନ୍ତୁ ତା' ଉପରେ ଆଲୋଚନା ହୋଇପାରିଲା ନାହିଁ। ପୂର୍ବରୁ ମେଣ୍ଟର ବୈଠକ ଚା' ଓ ସିଙ୍ଗଡାରେ ସୀମିତ ରହୁଥିଲା। ଗତକାଲିର ବୈଠକ କେବଳ ଚା' ଓ ବିସ୍କୁଟରେ ସୀମିତ ରହିଗଲା। କାରଣ କଂଗ୍ରେସ ନିକଟରେ କହିଥିଲା ଯେ ତାଙ୍କ ଦଳ ପାଖରେ ପାଣ୍ଠି ନାହିଁ। ତେଣୁ ଚାନ୍ଦା ଆକାରରେ ୧୩୮, ୧୩୮୦ ଓ ୧୩,୮୦୦ ଟଙ୍କା ମାଗିଥିଲା। ଚାନ୍ଦା ଏଯାଏଁ ଆସିନି। ତେଣୁ ଗତକାଲିର ବୈଠକ ଚା' ଓ ବିସ୍କୁଟରେ ଶେଷ ହୋଇଥିଲା। ସିଙ୍ଗଡା ମିଳିଲାନି କି କୌଣସି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା ହେଲା ନାହିଁ। ଇଣ୍ଡିଆ ମେଣ୍ଟର ଚତୁର୍ଥ ବୈଠକ ମଧ୍ୟ ବିନା କୌଣସି ସିଦ୍ଧାନ୍ତରେ ଶେଷ ହୋଇଥିଲା।



# କବି ଆଶୁତୋଷ ପରିଡା ପାଇବେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର




ଭୁବନେଶ୍ୱର,୨୦।୧୨(ପି.ଏନ): ବିଶିଷ୍ଟ କବି ଆଶୁତୋଷ ପରିଡା ପାଇବେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର। ତାଙ୍କ କବିତା ସଙ୍କଳନ 'ଅପ୍ରସ୍ତୁତ ମୃତ୍ୟୁ' ପାଇଁ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯିବ। କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ?ବୁଧବାର ଏହି ଘୋଷଣା କରାଯାଇଛି।କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ଆଜି ୨୦୨୩ ବର୍ଷ ପାଇଁ ୨୪ଟି ଭାରତୀୟ ଭାଷା ପାଇଁ ଏହି ପରୁସ୍କାର ଘୋଷଣା କରାଯାଇଛି। ଓଡିଆ ଭାଷାରେ କବି ଆଶୁତୋଷ ପରିଡା ଏହି ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି।









# ଟି ଟାଇମ୍



## ଜୋକ୍ସ

ରାମୁ ରୋହିତ୍‌କୁ କହିଲା: ତତେ ପହଁରିବା ଆସେ।

ରୋହିତ: ନା ଆସେନି।

ରାମୁ: ତୋଠୁ ତ ମୋ କୁକୁର ଭଲ, ସେ ପହଁରି ପାରୁଛି।

ରୋହିତ୍: ତତେ ପହଁରିବା ଆସୁଛି ?

ରାମୁଁ : ହଁ

ରୋହିତ୍: ତାହେଲେ ତୋ କୁକୁର ଆଉ ତୋ ଭିତରେ ଫରକ କ’ଣ ରହିଲା।

# ପ୍ଲାଷ୍ଟିକ୍ ବେବି



ଏହି ବ୍ୟସ୍ତ ବହୁଳ ଜୀବନରେ ଜଣେ ସାଧାରଣ ବ୍ୟକ୍ତି ଠିକ୍ ଭାବରେ ଖାଦ୍ୟ ଖାଇବାକୁ ସମୟ ପାଉନଥିବା ବେଳେ ୮ବର୍ଷୀୟ ପିଲା ଖାଦ୍ୟ ଖାଇବା ଛାଡ଼ି ପ୍ଲାଷ୍ଟିକ୍ ଜିନିଷ ଖାଇ ଯାଉଛି । ୮ବର୍ଷର ଝିଅ ଜେସିକା ୱାକର, ପିକା ନାମକ ରୋଗରେ ପୀଡ଼ିତ । ଏହି ରୋଗରେ ଜେସିକା ପୌଷ୍ଟିକ ଆହାରକୁ ଛାଡ଼ି ଅନ୍ୟ ସବୁ କିଛି ଖାଇବାକୁ ଇଚ୍ଛା ହୋଇଥାଏ ଯାହା ଜଣେ ସାଧାରଣ ବ୍ୟକ୍ତି କେବେ ଖାଇନଥାଏ । ଜେସିକାର ମା’ ଲିଣ୍ଡସେ କହନ୍ତି ଯେତେବେଳେ ଜେସିକା ଛୋଟଥିଲେ ବାଲି, ମାଟି ଓ ମହମବତୀ ଖାଇଦେଉଥିଲେ । ଯଦି ପ୍ଲେଟରେ ମାଂସ ତରକାରି କିମ୍ବା ଅନ୍ୟ କୌଣସି ବ୍ୟଞ୍ଜନ ରଖାଯାଇଥାଏ ତେବେ ଜେସିକା ତାକୁ କେବେବି ଛୁଅନ୍ତି ନାହିଁ । ଝିଅର ଏଭଳି ସମସ୍ୟା ଦେଖି ତାଙ୍କ ମା’ ତାକୁ ବାଳ ସୁରକ୍ଷା ଗୃହରେ ଛାଡ଼ିଥିଲେ କିନ୍ତୁ ସେଠାରେ ମଧ ଏକା ପରିସ୍ଥିତି ଉପୁଜିଥିଲା । ଜେସିକା କଞ୍ଚା ପରିବା ଖାଆନ୍ତି, ଜିନିଷ ପତ୍ର ଉପରେ ଲାଗିଥିବା ର୍‌ୟାପ୍ ବା ଜରିକୁ ଖାଆନ୍ତି । ଡାକ୍ତରଙ୍କ କହିବା ଅନୁସାରେ ଜେସିକାଙ୍କର ଏହି ରୋଗ ଭିଟାମିନ୍‌ର ଅଭାବ କାରଣରୁ ହୋଇଥାଏ । ପାଞ୍ଚ ବର୍ଷ ହେବ ଜେସିକାଙ୍କର ଏହି ରୋଗ ହୋଇଥିଲେ ହେଁ ତାଙ୍କର ଚିକିତ୍ସା ଠିକ୍ ଭାବେ କରାଯାଇପାରୁନାହିଁ । ଏଥିପାଇଁ ଜେସିକାର ମା’ ବହୁତ ଚିନ୍ତିତ ଅଛନ୍ତି ।

# ଚର୍ଚ୍ଚାରେ ‘ହରାମ୍‌ଖୋର’



ନୱାଜଉଦ୍ଦିନ ସିଦ୍ଦିକି ଓ ଶ୍ୱେତା ତ୍ରିପାଠୀଙ୍କ ଅଭିନୀତ ଫିଲ୍ମ ‘ହରାମ୍‌ଖୋର’ର ଟ୍ରେଲର ରିଲିଜ କରାଯାଇଛି। ପୂର୍ବରୁ ଫିଲ୍ମକୁ ନେଇ କିଛି ସମସ୍ୟା ଦେଖାଦେଇଥିଲା। ମାତ୍ର ଫିଲ୍ମଟି ସମାଜକୁ ଏକ ସୁନ୍ଦର ବାର୍ତ୍ତା ପ୍ରଦାନ କରୁଥିବାରୁ ଏହାର ବ୍ୟାନକୁ ହଟାଇଦିଆଯାଇଛି। ଗୁଜୁରାଟର ଏକ ଛୋଟ ଗାଁରେ ସୁଟିଂ କରାଯାଇଛି ସମ୍ପୂର୍ଣ୍ଣ ଫିଲ୍ମ। ଶ୍ଳୋକ ଶର୍ମାଙ୍କ ନିର୍ଦ୍ଦେଶନାରେ ମାତ୍ର ୧୬ଦିନରେ ଶେଷ ହୋଇଛି ପୂରା ଫିଲ୍ମର ସୁଟିଂ। ଫିଲ୍ମର କାହାଣୀରେ ଜଣେ ୧୪ବର୍ଷର ଝିଅର ନିଜ ପ୍ରଫେସରଙ୍କ ସହ ପ୍ରେମକାହାଣୀକୁ ଦର୍ଶାଯାଇଛି। ନିଛକ ଗାଁର ଛବି ଓ ଏହାର ସଙ୍ଗୀତ ଟ୍ରେଲରଟିକୁ ଅଧିକ ଆକର୍ଷଣୀୟ କରିଛି।

# ପୁରାଣ କାହାଣୀ

## କୁଟୁମ୍ବେଶ୍ୱର ମହାଦେବଙ୍କ ମହାତ୍ମ୍ୟ



ସଂସାର ହିତ ଲାଗି ସୋମବତୀ ଅମାବାସ୍ୟା କୁଟୁମ୍ବେଶ୍ୱର ଲିଙ୍ଗଙ୍କୁ ଦର୍ଶନ କଲେ କୁଟୁମ୍ବ ବୃଦ୍ଧି ପାଇବା ସହ ସମସ୍ତ ପାପ ଦୂର ହୋଇଥାଏ । ରବିବାର, ସୋମବାର, ଅଷ୍ଟମୀ, ଚତୁର୍ଦ୍ଦଶୀ ତଥା ସୋମବତୀ ଦିନ ଶିପ୍ରା ନଦୀରେ ସ୍ନାନ କରି କୁଟୁମ୍ବେଶ୍ୱରଙ୍କୁ ଦର୍ଶନ କଲେ ସୁଫଳ ମିଳିଥାଏ । ଏହାସହ ସ୍କନ୍ଦ ପୁରାଣରେ କୁଟୁମ୍ବେଶ୍ୱରଙ୍କ ମହାତ୍ମ୍ୟ ବର୍ଣ୍ଣନା କରାଯାଇଛି । ଏକଦା ଦେବତା ଓ ରାକ୍ଷସ ସମୁଦ୍ର ମନ୍ଥନ କରୁଥିବା ବେଳେ ବିଷ ଉତ୍ପନ୍ନ ହେଲା । ଏହାଦେଖି ରାକ୍ଷସ ଓ ଦେବତାମାନେ ବିଚଳିତ ହୋଇ ଉଠିଲେ । ସେମାନେ ଭଗବାନ ଶିବଙ୍କ ନିକଟକୁ ଯାଇ ସମସ୍ତ କଥା ପ୍ରକାଶ କରି ବିଷକୁ ଦୂର କରିବା ଲାଗି ପ୍ରାର୍ଥନା କଲେ । ମହାଦେବ ସମସ୍ତ କଥା ଶୁଣିବା ପରେ ମୟୂର ରୂପ ଧାରଣ କରି ସେହି ବିଷକୁ ପାନ କରିବା ଦ୍ୱାରା ତାଙ୍କ କଣ୍ଠ ନୀଳ ପଡିଗଲା । କିନ୍ତୁ ମହାଦେବ ଏହି ବିଷକୁ ଦୂର କରିବା ଲାଗି ଶିପ୍ରା ନଦୀକୁ ଆଦେଶ ଦେଲେଯେ ଏହି ବିଷକୁ ନେଇ ସେ ମହାକାଳ ବଣରେ ଥିବା କାମେଶ୍ୱରସ୍ଥିତ ଏକ ଲିଙ୍ଗ ଉପରେ ଚଢ଼ାଇ ଦିଅ । ମା’ ଶିପ୍ରା ନଦୀ ଉକ୍ତ ବି:କୁ ନେଇ ଲିଙ୍ଗ ଉପରେ ଢ଼ାଳିଦେଲେ । ବିଷର ପ୍ରଭାବରେ ଯେଉଁ ପ୍ରାଣୀ ତାଙ୍କୁ ଦର୍ଶନ କରୁଥିଲେ ସେମାନେ ମୋକ୍ଷ ପ୍ରାପ୍ତ କରୁଥିଲେ । କିଛି ବ୍ରାହ୍ମଣ ତୀର୍ଥ ଯାତ୍ରା କରିବା ଲାଗି ଏହି ଲିଙ୍ଗ ନିକଟକୁ ଆସି ଦର୍ଶନ କଲେ । ଦର୍ଶନ ଫଳରେ ସମସ୍ତ ବ୍ରାହ୍ମଣ ଦେହତ୍ୟାଗ କଲେ ଏହାଦ୍ୱାରା ତାଙ୍କ କୁଟୁମ୍ବ ଲୋପ ପାଇବାକୁ ଲାଗିଲା । ଏହା ଦେଖି କିଛି ବ୍ରାହ୍ମଣ ତାଙ୍କ କୁଟୁମ୍ବକୁ ବଞ୍ଚାଇବା ଲାଗି ଭଗବାନ ଶିବଙ୍କୁ ପ୍ରାର୍ଥନା କଲେ ଉକ୍ତ ପ୍ରାର୍ଥନାକୁ ସ୍ୱୀକାର କରି ମହାଦେବ କହିଲେ ରାଜା ଲକୁଲିଶ ଏହି ଲିଙ୍ଗକୁ ଦର୍ଶନ କଲେ ବିଷର ପ୍ରଭାବ ଆପେ ଆପେ ଦୂର ହୋଇଯିବ । ଏହି ଲିଙ୍ଗକୁ କୁଟୁମ୍ବେଶ୍ୱର କୁହାଯିବ କହି ମହାଦେବ ଅନ୍ତର୍ଦ୍ଧାନ ହୋଇଗଲେ ସେବେଠାରୁ ଏହି ଲିଙ୍ଗର ନାମ କୁଟୁମ୍ବେଶ୍ୱର ରହି ଆସିଛି ।

# ୫୦୦ କୋଟି ବନାମ ୫୦୦ଟଙ୍କା



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିମୁଦ୍ରାକରଣ ନୀତି ସତ୍ତ୍ୱେ ଦେଶବାସୀ ଦେଖିଥିଲେ କର୍ଣ୍ଣାଟକର ପୂର୍ବତନ ମନ୍ତ୍ରୀ ତଥା ଖଣି ମାଲିକ ଜନାର୍ଦ୍ଦନ ରେଡ୍ଡୀଙ୍କ ଝିଅ ବ୍ରାହ୍ମଣୀଙ୍କ ୫୦୦ କୋଟିର ବିବାହ। ବିବାହ କାର୍ଡ, ପୋଷାକଠାରୁ ଆରମ୍ଭ କରି ଭୋଜିଭାତରେ ଖର୍ଚ୍ଚ ହୋଇଥିଲା କୋଟି କୋଟି ଟଙ୍କା। ଏବେ କିନ୍ତୁ ଦେଶବାସୀ ଏହି ନୀତିର ଅପରପାର୍ଶ୍ୱ ଦେଖିବାକୁ ପାଇଛନ୍ତି। ସାଧାରଣ ଜନତା ଏହି ନୀତି ଦ୍ୱାରା କେତେମାତ୍ରାରେ ପ୍ରଭାବିତ ହୋଇଛନ୍ତି ତାହାର ଜ୍ୱଳନ୍ତ ଉଦାହରଣ ସାଜିଛି ସୁରଟର ଦକ୍ଷା ପରମାର୍ ଓ ଭାରତ ମାରୁଙ୍କ ମାତ୍ର ୫୦୦ ଟଙ୍କାର ବିବାହ। ସୁରଟର ଏକ ଇଲେକଟ୍ରିସିଟି କମ୍ପାନୀରେ ଟେକ୍‌ନିସିଆନ ଭାବେ କାର୍ଯ୍ୟ କରୁଥିବା ରାଜ୍ ପରମାର୍ ନିଜ ଝିଅ ଦକ୍ଷାଙ୍କ ବିବାହ ଠିକ୍ କରିଥିଲେ କମ୍ପ୍ୟୁଟର ଇନିୟର ଭାରତ ମାରୁଙ୍କ ସହ। ଦୀପାବଳି ପୂର୍ବରୁ ଉଭୟ ପରିବାରର ମିଳାମିଶା ପରେ ବିବାହ ତାରିଖ ଦୀପାବଳି ପରେ ତଥା ନଭେମ୍ବର ୨୪କୁ ନିର୍ଦ୍ଧାରଣ କରାଯାଇଥିଲା। ଏହା ମଧ୍ୟ ସ୍ଥିର କରାଯାଇଥିଲା କି ଖୁବ୍ ଧୂମ୍‌ଧାମରେ ବିବାହ କରାଯିବ। ମାତ୍ର ୮ ତାରିଖରେ ୫୦୦ ଓ ୧୦୦୦ ଟଙ୍କିଆ ଅଚଳ ଉପରେ ଭାଷଣ ଶୁଣିବା ପରେ ଚିନ୍ତାରେ ଆସିଯାଇଥିଲେ ଉଭୟ ପରିବାର। ଜାକଜମକରେ କରିବାକୁ ଥିବା ବିବାହ ଆଶା ମଉଳି ଯାଇଥିଲା ସେମାନଙ୍କର। ନିର୍ଦ୍ଧାରିତ ତାରିଖ ପରିବର୍ତ୍ତେ ଅନ୍ୟ ତାରିଖରେ ବିବାହ କରିବା ପାଇଁ ଯୋଜନା କରିବାକୁ ଆରମ୍ଭ କରିଥିଲେ। କିନ୍ତୁ ସେହି ସମୟରେ ଦକ୍ଷା ଏକ ଉପାୟ ଚିନ୍ତା କରିଥିଲେ। ସେ ବିନା ଆଡମ୍ବରରେ ଭୋଜିରେ କେବଳ ଚା ଓ ପାଣିର ବ୍ୟବସ୍ଥା କରି ବିବାହ କରିବାର ପ୍ରସ୍ତାବ ପରିବାର ସଦସ୍ୟଙ୍କୁ ଦେଇଥିଲେ। ପ୍ରଥମେ ପରିବାର ଲୋକଙ୍କୁ ଦକ୍ଷାଙ୍କ ଏହି ପ୍ରସ୍ତାବ ଉଚିତ ଲାଗିନଥିଲା। କିନ୍ତୁ ବାରମ୍ବାର ବୁଝାଇବା ପରେ ସେମାନେ ରାଜି ହୋଇଥିଲେ। ପରେ ଉଭୟ ଦକ୍ଷା ଏବଂ ତାଙ୍କ ପରିବାର ସଦସ୍ୟ ମିଶି ଭାରତଙ୍କ ପରିବାର ଲୋକଙ୍କୁ ପ୍ରସ୍ତାବ ଦେଇଥିଲେ। ପ୍ରଥମେ ମଧ୍ୟ ଭାରତଙ୍କ ପରିବାର ଠାରୁ ଅନୁରୂପ ପ୍ରତିକ୍ରିୟା ମିଳିଥିଲା। ମାତ୍ର ପରେ ସେମାନେ ମଧ୍ୟ ରାଜି ହୋଇଯାଇଥିଲେ। କାରଣ ତାଙ୍କ ପାଇଁ ପିଲାମାନଙ୍କ ବିବାହ ଅଧିକ ଗୁରୁତ୍ୱ ରଖୁଥିଲା ସେଥିରେ ଖର୍ଚ୍ଚର ପରିମାଣ ନୁହେଁ। ଦୁଇ ପରିବାରର ସମ୍ମତିରେ ବିନା ଜାକଜମକରେ ବେଦ୍ ରୋଡ ଠାରେ ଥିବା ଏକ କମ୍ୟୁନିଟି ହଲ୍‌ରେ ଆୟୋଜିତ ହୋଇଥିଲା ବିବାହ। ସେଥିରେ କନ୍ୟାପକ୍ଷରୁ ପ୍ରାୟ ୫୦ ଜଣ ଓ ବର ପକ୍ଷରୁ ପ୍ରାୟ ୧୨୫ ରୁ ୧୫୦ ଜଣ ନିମନ୍ତ୍ରିତ ଅତିଥି ଯୋଗ ଦେଇଥିଲେ। ସମସ୍ତ ଅତିଥିଙ୍କୁ ଭୋଜିରେ ଦିଆଯାଇଥିଲା ଗୋଟିଏ ଗ୍ଲାସ ପାଣି ଓ କପେ ଚା। ଏପରି ବିବାହରେ ଅତିଥି ମାନେ ମଧ୍ୟ ପୂର୍ଣ୍ଣ ସମର୍ଥନ ଜଣାଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦକ୍ଷା ଓ ଭାରତଙ୍କ ଏହି ବିବାହକୁ ପ୍ରଶଂସା କରିଛନ୍ତି। ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ସେ କହିଛନ୍ତି ମୁଁ ଚାଏ ପେ ଚର୍ଚ୍ଚା ଆରମ୍ଭ କରିଥିଲି କିନ୍ତୁ ଏହି ଚା ଏବେ ବିବାହ ମଣ୍ଡପରେ ପହଞ୍ଚି ଗଲାଣି ଜାଣି ଖୁସି ଲାଗୁଛି।

# ଲାଭଦାୟକ ୱେବ୍‌ସାଇଟ୍



ଅନ୍‌ଲାଇନ୍ ସପିଂର ମଜା ଯିଏ କରିଛି ସିଏ ଜାଣିଛି । ଗୋଟିଏ କ୍ଲିକ୍‌ରେ ଜିନିଷ ପାଖରେ ଆସି ହାଜର ହୋଇଯାଏ । ନା ମୁଲେଇ କରିବାକୁ ପଡ଼ିଥାଏ ନା ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡ଼ିଥାଏ । କଥାରେ କହନ୍ତି ବାପାମା’ଙ୍କୁ ଛାଡ଼ିଦେଇ ସବୁକିଛି ଇଣ୍ଟରନେଟ୍‌ରେ ଉପଲବ୍ଧ । କିନ୍ତୁ ଆଜି ଆପଣଙ୍କୁ ଆମେ ଏପରି ଏକ ୱେବ୍‌ସାଇଟ୍ ବିଷୟରେ ଜଣାଇବୁ ଯେଉଁଥିରୁ ଆପଣ ଯାହା ଚାହିଁବେ ତାହା କିଣିପାରିବେ । ଜାପାନର ଏକ ୱେବ୍‌ସାଇଟ୍ ନ୍ତରେଷ୍ଟିଏବାଇଫଅଟୋବା ଡଟ୍ କମ୍’ରେ ଆପଣଙ୍କୁ ଅନ୍ତଃବସ୍ତ୍ରଠାରୁ ଆରମ୍ଭ କରି ମା-ବାପା, ପତି-ପତ୍ନୀ ଏବଂ ପିଲା ମଧ୍ୟ ଭଡ଼ାରେ ମିଳିଥାନ୍ତି । ବର୍ତ୍ତମାନ ଜାପାନରେ ଏହି ୱେବ୍‌ସାଇଟ୍ ଅନେକ ଲୋକପ୍ରିୟ ହୋଇଗଲାଣି । ଏହି ୱେବ୍‌ସାଇଟ୍‌ଟି ଗ୍ରାହକମାନଙ୍କୁ ସମସ୍ତ ପ୍ରକାରର ସୁବିଧା ଯୋଗାଇବା ପାଇଁ ଗ୍ରାହକମାନଙ୍କଠାରୁ ମୋଟା ପରିମାଣର ଅର୍ଥ ନେଇଥାଏ । ଜାଣିରଖନ୍ତୁ ଏହି ୱେବ୍ ସାଇଟ୍‌ରେ କ’ଣ ସବୁ ମିଳୁଛି ? ଯଦି ଆପଣ ଏକଲା ଅଛନ୍ତି ତେବେ ଏହି ୱେବ୍‌ସାଇଟ୍‌ଟି ଆପଣଙ୍କ ଏକୁଟିଆପଣ ଦୂର କରିବା ପାଇଁ ଗ୍ରାହକଙ୍କ ଇଚ୍ଛା ମୁତାବକ ପୁରୁଷ କିମ୍ବା ସ୍ତ୍ରୀ ବନ୍ଧୁ ମଧ ଉପଲବ୍ଧ କରେଇଥାଏ । ଏଠାରେ ଆପଣଙ୍କୁ ଭଲ ପାଉଥିବା ମାତା-ପିତା ମଧ ମିଳିଥାନ୍ତି । ଏହା ବ୍ୟତୀତ ଏହା ଏପରି ଏକମାତ୍ର ୱେବ୍‌ସାଇଟ୍ ଯାହା ଅନ୍ତଃବସ୍ତ୍ରକୁ ଭଡ଼ାରେ ଦେଇଥାଏ । ଯଦି ଆପଣ ଆପଣଙ୍କର ବୋରିଂନେସ୍‌କୁ ଦୂର କରିବାକୁ ଚାହୁଁଛନ୍ତି ତେବେ ଆବଶ୍ୟକ ହେଲେ ଏକ ଛୋଟ ସୁନ୍ଦର ଶିଶୁ ସହିତ ମଧ ସମୟ ଅତିବାହିତ କରିପାରିବେ । ଯଦି ଆପଣଙ୍କ ପାଖରେ ସମୟ ନାହିଁ କିମ୍ବା ଆପଣ ପିଲାଙ୍କ ସ୍କୁଲ ଘରପାଠ କରିବାରେ ସାହାଯ୍ୟ କରି ପାରୁନାହାନ୍ତି ତେବେ ଏହି ୱେବ୍‌ସାଇଟଟି ଆପଣଙ୍କ ପାଇଁ ଏପରି ଏକ ବ୍ୟକ୍ତି ଠିକ୍ କରିଦେବେ ଯିଏ ଆପଣଙ୍କ ପିଲାର ଘରପାଠ କରିବାରେ ମଧ ସାହାଯ୍ୟ କରିବ ।

# ଆଜିର ଭାଗ୍ୟ

**ମେଷ** – କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

**ବୃଷ** – କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**ମିଥୁନ** – କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**କର୍କଟ** – ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ସିଂହ** – ଇଚ୍ଛା ନଥିଲେ ମଧ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**କନ୍ୟା** – ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ତୁଳା** – ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ବିଛା** – ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**ଧନୁ** – ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ମକର** – ଯେତେ ତ୍ୟାଗ ସ୍ୱିକାର କଲେ ମଧ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**କୁମ୍ଭ** – କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**ମୀନ** – ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

# ମୃତ୍ୟୁକୁ ନେଇ ଆତଙ୍କ



ଭୟଙ୍କର ଗାଁ ନାମ ଶୁଣିବା କ୍ଷଣି ମନରେ ଅନେକ ପ୍ରଶ୍ନ ଉଙ୍କି ମାରେ। କ’ଣ ପାଇଁ ଗାଁର ଏପରି ବିଚିତ୍ର ନାମ ରହିଛି ? ଏହା ପଛରେ ରହସ୍ୟ କ’ଣ ଜାଣିବାକୁ ମଧ ଜିଜ୍ଞାସା ଯାତ ହୋଇଥାଏ। ପଞ୍ଜାପୁରର ବଡଗାଁ ଭୟଙ୍କର ଗ୍ରାମ ଭାବେ ପ୍ରସିଦ୍ଧ। ଏହି ଗ୍ରାମରେ ଆଜିକୁ ୨୨ ବର୍ଷ ତଳେ ଜଣେ ବ୍ୟକ୍ତିର ମୃତୁ ଘଟିଥିଲା। ବାଶ୍ ତା’ ପରେ ବିଗତ ୨୨ ବର୍ଷର ଠାରୁ ପ୍ରତି ଦଶ ଦିନ ଅନ୍ତରରେ ପ୍ରତ୍ୟେକଙ୍କ ଘରୁ ଜଣେ ଲେଖାଏଁ ସଦସ୍ୟଙ୍କର ମୃତ୍ୟୁ ହେବାରେ ଲାଗିଛି। ଗ୍ରାମବାସୀମାନେ କେବଳ ଚିନ୍ତାରେ ରହିଥାନ୍ତି ଯେ, କାହାର ମୃତ୍ୟୁ ଘଟିଲା ଏବଂ ଏବେ ଆଉ କାହାର ପାଳି ପଡିବ। ଏହାକୁ ଗ୍ରାମବାସୀଙ୍କ ଦୁର୍ଭାଗ୍ୟ କୁହାଯିବ ନା ଅନ୍ଧବିଶ୍ୱାସ ନା ଆଉ କିଛି ? ବରିଷ୍ଠ ବ୍ୟକ୍ତି, ଡାକ୍ତର ଓ ଶିକ୍ଷକ ଏସବୁ ବିଶ୍ୱାସ କରିବାକୁ ବାଧ । କିଛି ରୋଗ ନଥାଇ ଆଖି ସାମନାରେ ଭଲ ଲୋକଙ୍କର ଏଠାରେ ମୃତ୍ୟୁ ହେବାରେ ଲାଗିଛି ।




# ଗଣତନ୍ତ୍ରର ସୁରମ୍ୟ ସୌଧକୁ ସୁଦୃଢ କରିଥାଏ ଗଣମାଧ୍ୟମ

ଖୋର୍ଦ୍ଧା (ପିଏନ୍): ଗଣତନ୍ତ୍ରର ସୁରମ୍ୟ ସୌଧକୁ ସୁଦୃଢ ଓ ସୁରକ୍ଷିତ କରି ରଖିବାରେ ଗଣମାଧ୍ୟମ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ବୋଲି "ବିଶ୍ୱାମିତ୍ର ଜନସେବା ଟ୍ରଷ୍ଟ" ଖୋର୍ଦ୍ଧା ଆନୁକୂଲ୍ୟରେ ଅନୁଷ୍ଠିତ ଆଲୋଚନାଚକ୍ରରେ ସଭାପତିତ୍ୱ କରି 'ମାର୍ଗଦର୍ଶୀ'ର ସମ୍ପାଦକ ତଥା ସ୍ତମ୍ଭକାର ଉମାଶଙ୍କର ପ୍ରସାଦ କହିଥିଲେ। ବିଶ୍ୱାମିତ୍ର ଜନସେବା ଟ୍ରଷ୍ଟର ପ୍ରତିଷ୍ଠାତା ରାମଶଙ୍କର ତାଙ୍କ ସ୍ୱାଗତ ଭାଷଣରେ ଆଲୋଚନାର ବିଷୟ ବସ୍ତୁ 'ଗଣମାଧ୍ୟମରେ ପ୍ରକାଶିତ ଜନସମସ୍ୟାର ଜନସାଧାରଣ, ସରକାର, ପ୍ରଶାସନ ତଥା ଜନପ୍ରତିନିଧିଙ୍କ ଉପରେ କି ପ୍ରଭାବ ପଡୁଛି ଏବଂ ତାହା କେତେଦୁର କାର୍ଯ୍ୟକାରୀ ହେବାସହ ଜନସମାସ୍ୟାର ସମାଧାନ ହେଉଛି ବୋଲି ଏକ ମାର୍ମିକ ପ୍ରଶ୍ନ ରଖିଥିଲେ। ଏହି ଆଲୋଚନାଚକ୍ରରେ ଅତିଥି ଭାବେ ଯୋଗଦେଇ ବି.ଡି.ଏ.ର ପ୍ରାକ୍ତନ କମିଶନର ଦେବରାଜ ସେନାପତି ନିଜର ବକ୍ତବ୍ୟରେ କହିଥିଲେ ଗଣମାଧ୍ୟମରେ ପ୍ରକାଶିତ ଖବରର ପ୍ରଭାବ ନିଶ୍ଚୟ ପଡୁଛି ମାତ୍ର ତାହା ଅନେକାଂଶରେ ହ୍ରାସ ପାଇଛି। ବିଶିଷ୍ଟ ଶିକ୍ଷାବିତ୍ ତଥା ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳସଚିବ ପ୍ରଫେସର ଡକ୍ଟର ନାରାୟଣ ରାଓ ନିଜ ବକ୍ତବ୍ୟରେ କହିଥିଲେ ସାମ୍ବାଦିକତା ହିଁ ଏକମାତ୍ର ଅସ୍ତ୍ର ଯାହା ସମାଜରେ ସଂସ୍କାର ଆଣିବା ପାଇଁ ସକ୍ଷମ। ଓକିଲ ସଂଘର ସଭାପତି ବିଜୟ କୁମାର ସାମନ୍ତସିଂହାର ସରକାରଙ୍କର ଅପାରଗତା ଓ ଜନପ୍ରତିନିଧିମାନଙ୍କ ଯୋଗ୍ୟତା ଉପରେ ପ୍ରଶ୍ନ ଉଠାଇଥିଲେ। ଉତ୍କଳ ସାମ୍ବାଦିକ ସଂଘର ସଭାପତି ପ୍ରଭାତ ମିଶ୍ର କହିଥିଲେ ନିର୍ଦ୍ଦିଷ୍ଟ ସଂସ୍ଥାର ମାଲିକ ମାନଙ୍କର ସରକାରଙ୍କ ସହ ମଧୁଚନ୍ଦ୍ରିକା ଯୋଗୁ ଆଜି ଗଣମାଧ୍ୟମ ବିପନ୍ନ। ଏହି ଆଲୋଚନାଚକ୍ରରେ 'ସମାଜ' ପ୍ରତିନିଧି ରାମନାରାୟଣ ଦାଶ କହିଥିଲେ ଆଜି ଖବରକାଗଜ ବିଜ୍ଞାପନସର୍ବସ୍ୱ ହୋଇଯାଇଛି। ଏହାସତ୍ତ୍ୱେ ଗଣମାଧ୍ୟମରେ ପ୍ରସାରିତ ସକାରାତ୍ମକ ଖବରର ପ୍ରଭାବ ନିଶ୍ଚୟ ରହିଛି। ନାଚୁଣୀର ସମ୍ବାଦ ପ୍ରତିନିଧି ପ୍ରଦୋଶ ଦାସ କହିଥିଲେ ସକାରାତ୍ମକ ଖବର ପରିବେଷଣ ପାଇଁ ପ୍ରତ୍ୟେକ ସାମ୍ବାଦିକ ଯତ୍ନବାନ ହେବା ଦରକାର। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ୍ ଜବାହାରଲାଲ ସୁବୁଦ୍ଧି, ପ୍ରଫୁଲ୍ଲ ସାମନ୍ତରାୟ, ରାଜକିଶୋର ପାଣିଗ୍ରାହୀ, ଐତିହାସିକ ସତ୍ୟବାଦୀ ବଳିୟାର ସିଂହ, ଖୋର୍ଦ୍ଧା ଆଇନ ମହାବିଦ୍ୟାଳୟର ପ୍ରତିଷ୍ଠାତା ସୁଧୀର ମାନସିଂ, ରାଜଧାନୀ ଆଇନ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ବୃନ୍ଦାବନ ପଣ୍ଡା , ବରିଷ୍ଠ ନାଗରିକ ମଂଚର ଉପସଭାପତି ବୈକୁଂଠ ମହାପାତ୍ର, ସାମ୍ବାଦିକ ଦିଲ୍ଲିପ ପଟ୍ଟନାୟକ, ଡିଏସଓର ସମ୍ପାଦକ ଜୟନ୍ତ ମହାନ୍ତି, ଅଧିବକ୍ତା ବସନ୍ତ ଦାସ, ଆମରି ସତ୍ୟର ପ୍ରତିଷ୍ଠାତା ଡକ୍ଟର ପ୍ରମୋଦଚନ୍ଦ୍ର ଦାସ ପ୍ରମୁଖ ଆଲୋଚନାରେ ଭାଗନେଇ ନିଜ ନିଜର ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। ସାମ୍ବାଦିକ ପ୍ରଦୋଷ ଦାସଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଅନୁଷ୍ଠାନର ପ୍ରତିଷ୍ଠାତା ରାମଶଙ୍କର ଖୋର୍ଦ୍ଧା ପୌର ପରିଷଦ ଦ୍ୱାରା ଖୋରଧାବାସୀଙ୍କୁ ମୌଳିକ ସୁବିଧା ଯୋଗାଇଦେବା ଦାବୀରେ ଜନତାଙ୍କ ସ୍ୱର ଉତ୍ତୋଳନ ପାଇଁ ଦଳମତ ନିର୍ବିଶେଷରେ ଏକଜୁଟ ହେବାପାଇଁ ଆହ୍ୱାନ ଦେବାସହ ଧନ୍ୟବାଦ ପ୍ରଦାନ କରିଥିଲେ।

# ବକେୟା ରାସନ ସାମଗ୍ରୀ ଦେବାକୁ ଦାବି



ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ୍ ଏଣ୍ଡଳବା ପଞ୍ଚାୟତ ପାଟପୁର ଗାଁର ୪ ପରିବାରକୁ ବକେୟା ରାସନ ସାମଗ୍ରୀ ଦେବାକୁ ଦାବି ହୋଇଛି । ରାଜୀବ ଚରଣ ବେହେରା, ଘନଶ୍ୟାମ ବେହେରା, ବାଲୁଙ୍କେଶ୍ୱର ପ୍ରଧାନ ଓ କଣ୍ଢେଇ ବେହେରା ଜାରକାସ୍ଥିତ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ନୂତନ ଭାବେ ଯୋଗ ଦେଇଥିବା ବିଡ଼ିଓ ଓ ଯୋଗାଣ ନିରୀକ୍ଷକଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ପ୍ରକାଶ ଯେ, ପାଟପୁର ଗାଁର ରାଜୀବଙ୍କ ପତ୍ନୀ କନକ ବେହେରାଙ୍କ ନାଁରେ ଥିବା ରାସନ କାର୍ଡ଼ରେ ତାଙ୍କ ପରିବାରର ୪ ଜଣଙ୍କୁ ରାସନ ସାମଗ୍ରୀ ମିଳୁଥିଲା । ତେବେ ରାଜନୈତିକ ଆକ୍ରୋଶରୁ ୨୦୧୭ ଅଗଷ୍ଟ ମାସରୁ ସେମାନଙ୍କ ରାସନ ହଠାତ୍ ବନ୍ଦ କରି ଦିଆଯାଇଥିଲା । ଏହାକୁ ନେଇ ବାଦବିବାଦ ଓ କୋର୍ଟରେ ମାମଲା ହେବାପରେ ୨୦୧୮ ଜୁଲାଇ ମାସରେ ଏହି ପରିବାରକୁ ପୁଣି ରାସନ ସାମଗ୍ରୀ ଦିଆ ଯାଇଥିଲା । ଏହି ସମୟ ମଧ୍ୟରେ କନକଙ୍କ ପରିବାର ୧୧ ମାସର ରାସନ ପାଇନଥିଲେ । ଏହା ସତ୍ତ୍ୱେ ୨୦୧୯ ନଭେମ୍ବର ମାସରେ ଉକ୍ତ ପରିବାରର ରାସନ ପୁଣି ବନ୍ଦ ହୋଇଗଲା । ୧୫ ମାସ ରାସନ ପାଇବା ପରେ ପୁନର୍ବାର ବନ୍ଦ ହୋଇଯିବାକୁ ନେଇ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କ ଉପରେ ଅଙ୍ଗୁଳି ଉଠାଇଥିଲେ ହିତାଧିକାରୀ କନକଙ୍କ ପରିବାର । ଖୋଲତାଡ଼ ହେବାପରେ ୨୦୨୦ ମଇ ମାସରେ ପୁଣି ରାସନ ଦିଆଯାଇଥିଲା । ଏହି ସମୟ ମଧ୍ୟରେ ଆଉ ୬ ମାସର ରାସନ ମିଳିନଥିଲା । ଦୁଇଟି ପର୍ଯ୍ୟାୟରେ ୧୭ ମାସର ରାସନ ମିଳିନଥିଲା କନକଙ୍କ ପରିବାରକୁ । ଏ ନେଇ କନକଙ୍କ ସ୍ୱାମୀ, ଦୁଇପୁଅ ବିଷ୍ଣୁ ଓ ଆନନ୍ଦ ବାରମ୍ବାର ଡିଲର, ପଞ୍ଚାୟତସ୍ତରୀୟ ଲୋକ ପ୍ରତିନିଧି ଓ ଯୋଗାଣ ନିରୀକ୍ଷକଙ୍କୁ ବାରମ୍ବାର ଅବଗତ କରୁଥିଲେ ମଧ୍ୟ ଅଢ଼େଇ ବର୍ଷ ହେଲା ରାସନ ସାମଗ୍ରୀ ମିଳୁନାହିଁ । ସେହିପରି ଏହି ଗ୍ରାମର ରୁଲତା ବେହେରାଙ୍କ ପରିବାରର ୫ ଜଣ ସଦସ୍ୟଙ୍କୁ ୧୩ ମାସର ରାସନ ମିଳିନଥିବା ତାଙ୍କ ସ୍ୱାମୀ ଘନଶ୍ୟାମ ଅଭିଯୋଗ କରିଛଁ । ଏଥିସହ ନୀଳେନ୍ଦ୍ର ପ୍ରଧାନଙ୍କ ପରିବାରର ୪ଜଣ ସଦସ୍ୟ ୬ ମାସର ରାସନ ପାଇ ନଥିବା ତାଙ୍କ ସ୍ୱାମୀ ବାଲୁଙ୍କେଶ୍ୱର ସୂଚନା ଦେଇଛନ୍ତି । ସେମିତି କଣ୍ଢେଇ ବେହେରାଙ୍କ ପରିବାରର ୬ଜଣ ସଦସ୍ୟଙ୍କ ମଧ୍ୟରୁ ୩ଜଣଙ୍କ ରାସନ ସାମଗ୍ରୀ ୨୦୧୯ରୁ ବନ୍ଦ ହୋଇ ଯାଇଥିବା କୁହାଯାଇଛି । ତୁରନ୍ତ ସଂପୃକ୍ତ ୪ ପରିବାରକୁ ବକେୟା ରାସନ ସାମଗ୍ରୀ ପ୍ରଦାନ କରିବାକୁ ନୂତନ ବିଡ଼ିଓ ଓ ଯୋଗାଣ ନିରୀକ୍ଷକଙ୍କ ପଦକ୍ଷେପ ନେବାକୁ ଦାବି ହୋଇଛି ।

# ଖୋର୍ଦ୍ଧା ସହରର ବିଭିନ୍ନ ସମସ୍ୟା ନେଇ କେଡିସିଏଫର ଜିଲ୍ଲାପାଳଙ୍କୁ ଦାବିପତ୍ର

ଖୋର୍ଦ୍ଧା (ପିଏନ୍): ଖୋର୍ଦ୍ଧା ଜିଲ୍ଲା ବିପର୍ଯ୍ୟସ୍ତ ଡ୍ରେନ, ପରିମଳ, ଉଠାଦୋକାନୀଙ୍କୁ ଥଇଥାନ ଏବଂ ଶୌଚାଳୟ ନିର୍ମାଣ ଦାବିରେ "ଖୋର୍ଦ୍ଧା ଜିଲା ସିଟିଜନ୍ ଫୋରମ" ପକ୍ଷରୁ ଗତ ମଙ୍ଗଳବାର ଜିଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ମନୋଜ ପାଢୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ୧୯୬୦ ମସିହାରେ ଖୋର୍ଦ୍ଧା ସହର ବିଜ୍ଞାପିତ ଅଂଚଳ ପରିଷଦ ଗଠନ ହୋଇଥିଲା। ୨ହଜାର ମସିହାରେ ଏହା ପୌର ପରିଷଦରେ ପରିଣତ ହେଲା। ଇତିମଧ୍ୟରେ ଖୋର୍ଦ୍ଧା ସହର ୬୩ବର୍ଷରେ ପହଂଚିଲାଣି। ତଥାପି ସହରର ବିକାଶ ସ୍ଥାଣୁ ପାଲଟିଛି। ଡ୍ରେନ, ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଥିବା ବେଳେ ରାସ୍ତାକଡ ଉଠାଦୋକାନୀ(କ୍ୟାବିନ) ଏବଂ ଟ୍ରାଫିକ ସମସ୍ୟା ଦିନକୁ ଦିନ ବଢିବାରେ ଲାଗିଛି । ଅନେକ ଉନ୍ନୟମମୂଳକ ଯୋଜନା ଅଧପନ୍ତରିଆ ଭାବେ ପଡି ରହିଥିବା ବେଳେ ମୁକ୍ତା ଯୋଜନାରେ ବିଭିନ୍ନ ପ୍ରକଳ୍ପରେ ଦୁର୍ନୀତି, ଏକାଧିକ ରାସ୍ତା, ଡ୍ରେନ ନିର୍ମାଣ କାର୍ଯ୍ୟ ଅତି ନିମ୍ନମାନର କରାଯାଇଥିବା ଦୃଷ୍ଟି ଗୋଚର ହେଉଛି। ଖୋର୍ଦ୍ଧା ସହର ବିପର୍ଯ୍ୟସ୍ତ ଡ୍ରେନ ଏବଂ ରାସ୍ତାଘାଟ ଦୁରାବସ୍ଥା ଯୋଗୁ ସହରବାସୀ ଅତିଷ୍ଠ ହୋଇପଡିଲେଣି। ବର୍ଷ ବର୍ଷ ଧରି ଡ୍ରେନ ସଫା ହେଉନଥିବାରୁ ସାମାନ୍ୟ ବର୍ଷାରେ ଡ୍ରେନପାଣି ନିଷ୍କାସନ ହୋଇନପାରି ରାସ୍ତାରେ ଭାସୁଥିବା ବେଳେ ସହର ରାସ୍ତାଘାଟ ଖାଲଖମାରେ ପରିଣତ ହୋଇଛି। ଫଳରେ ସହରବାସୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସହର ଦେଇ ଯାଇଥିବା ଖୋର୍ଦ୍ଧା-ବଲାଙ୍ଗିର ୫୭ ନମ୍ବର ଜାତୀୟ ରାଜପଥ ମୁକୁନ୍ଦପ୍ରସାଦଠାରୁ ଚୁଙ୍ଗୁଡି ଝର, ରାସ୍ତା ସମ୍ପୂର୍ଣ୍ଣ ଖାଲଖମାରେ ପରିଣତ ହୋଇଥିବା ବେଳେ ରାସ୍ତା ଉପରେ ବଡ ବଡ ଗାତ ସୃଷ୍ଟି ହୋଇଛି। ଫଳରେ ଦୈନିକ ଛୋଟବଡ ଦୁର୍ଘଟଣାମାନ ଘଟୁଛି। ଡାକ୍ତରସ ଲେନଠାରୁ ଗୁରୁଜଙ୍ଗକୁ ସଂଯୋଗ କରୁଥିବା ରାସ୍ତା, ପୋଷ୍ଟ ଅଫିସ ଛକ, ଚଣ୍ଡିଚୁଆ ଛକଠାରୁ ନୂଆ ବସଷ୍ଟାଣ୍ଡକୁ ସଂଯୋଗ କରୁଥିବା ରାସ୍ତା, ସଦର ଏସଡିପିଓଙ୍କ କାର୍ଯ୍ୟାଳୟ ମେଡିକାଲ ପଛପଟ ସମ୍ମୁଖ ରାସ୍ତା ଖାଲଖମାରେ ପରିଣତ ହୋଇଛି। ଏହିଗୁଡିକ ଗୁରୁତ୍ୱପୂର୍ଣ୍ଣ ରାସ୍ତା ହୋଇଥିବା ସତ୍ତ୍ୱେ ଏହାର ମରାମତି ପ୍ରତି ଗୁରୁତ୍ୱ ଦିଆଯାଉନାହିଁ। ନୂଆବସଷ୍ଟାଣ୍ଡଠାରୁ ଚଣ୍ଡିଚୁଆ ଛକ ପର୍ଯ୍ୟନ୍ତ ଗତ ବର୍ଷ ଆର ଆଣ୍ଡ ବି ପକ୍ଷରୁ ରାସ୍ତା ମରାମତି କରାଯାଇଥିଲା। ତେବେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଅବହେଳା, ଦାୟିତ୍ୱହୀନତାରୁ ଏହି ରାସ୍ତାରେ ପ୍ରତିବର୍ଷ ଗାତ ସୃଷ୍ଟି ହେଉଛି। ଏହି ରାସ୍ତା ନିର୍ମାଣରେ ପ୍ରତିବର୍ଷ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଉଛି। ଏହା ତଦନ୍ତସାପେକ୍ଷ। ସେହିପରି ନୂଆ ବସଷ୍ଟାଣ୍ଡଠାରୁ ପଲ୍ଲୀ ତୋଟାପଡାକୁ ସଂଯୋଗ କରୁଥିବା ରାସ୍ତା ମଧ୍ୟ ସମାନ ଦୁରବସ୍ଥା ରହିଛି। ସହରର ସବୁଠାରୁ ମୁଣ୍ଡବ୍ୟଥା ସମସ୍ୟା ହେଉଛି ଉଠାଦୋକାନୀ (କ୍ୟାବିନ) ସମସ୍ୟା। ପୁରୁଣା ବସଷ୍ଟାଣ୍ଡ ଠାରୁ ସମବାୟ ଛକ, ପୁରୁଣା ମେଡିକାଲ ରୋଡ, ମାରୱାଡି ପଟି ଏବଂ ଏସବିଆଇ ଛକରେ ପ୍ରାୟ ୫୪୦ରୁ ଉର୍ଦ୍ଧ୍ୱ ଉଠାଦୋକାନୀଙ୍କ କ୍ୟାବିନ ରହିଛି।

# ବାଇଶି ପାହାଚେ ପିଣ୍ଡଦାନର ତାତ୍ପର୍ଯ୍ୟ



ବାଇଶି ପାହାଚ କହିଲେ ଶ୍ରୀମନ୍ଦିରର ସିଂହଦ୍ୱାରସ୍ଥ ମୂଳଶାଳାର ମେଘନାଦ ପାଚେରୀ ଠାରୁ ଦ୍ୱିତୀୟ ବେଢ଼ା ଅର୍ଥାତ୍ କୁର୍ମବେଢ଼ାଯାଏଁ ପାହାଚ ଶ୍ରେଣୀକୁ ବୁଝାଏ। ବାସ୍ତବିକ୍ ଏମିତି ଗଣନାରେ ପୂର୍ବରୁ ପଶ୍ଚିମକୁ କୁର୍ମ ବେଢ଼ାଯାଏ ମାତ୍ର କୋଡ଼ିଏ ଗୋଟି ପାହାଚ ଅଛି। ବାକି ଦୁଇଟି ପାହାଚରୁ ଗୋଟିଏ ପାହାଚ ଆନନ୍ଦ ବଜାରକୁ ଏବଂ ଅନ୍ୟଟି ରୋଷେଇ ଶାଳକୁ। ଏମିତିରେ ଏମାନେ ବାଇଶି ॥

କେତେକ ମତ ସାବ୍ୟସ୍ତ କରନ୍ତି ଯେ ମୂଳମନ୍ଦିରର କୂର୍ମବେଢ଼ାରେ ବାହାରେ ଥିବାରୁ ଏହାର ନାମଥିଲା ବହିଃସ୍ଥ ପାବଛ। ଏହାପରେ ଅପଭ୍ରଂଶ ହୋଇ 'ବହିଃସ୍ଥରୁ ବାଇଶି ଓ ପାବଚ୍ଛରୁ ପାହାଚ' ହୋଇଛି। ଯେଉଁମାନେ ଯୁକ୍ତି ଦର୍ଶାଇ କୁହନ୍ତି ଯେ ଏହା ମିଥ୍ୟା ବାଇଶି ହିଁ ସତ୍ୟ, ସେମାନେ କୁହନ୍ତି ଯେ କେତେକ ବିଷୟବସ୍ତୁକୁ ଆଧାରକରି ଏହା ବାଇଶି। ଯେମିତି ୨୨ ଅଧିଷ୍ଠାତ୍ରୀ ଦେବୀମାନଙ୍କୁ ନେଇ ଏହା ବାଇଶି ଯଥା - ମାୟା, ଚେତନା, ବୁଦ୍ଧି, ନିଦ୍ରା, କ୍ଷୁଧା, ଛାୟା, ଶକ୍ତି, ତୃଷ୍ଣା, କ୍ଷାନ୍ତି, ଜାତି, ଲଜ୍ଜା, ଶାନ୍ତି, ଶ୍ରଦ୍ଧା, କ୍ରାନ୍ତି, ବୃତ୍ତି, ସ୍ମୃତି, ଦୟା, ତୁଷ୍ଟି, ଚିନ୍ତା, ମାତୃ, ଭ୍ରାନ୍ତି ଓ ପ୍ରଜ୍ଞା ଇତ୍ୟାଦି ସମାହାରର ପ୍ରତୀକ ବାଇଶି। ଆଉ କାହା ମତରେ ଏହା ଚତୁର୍ଦ୍ଦଶ ଭୁବନ ଓ ଅଷ୍ଟବୈକୁଣ୍ଠର ସମାହାରକୁ ପ୍ରତିନିଧିତ୍ୱ କରନ୍ତି; ଆଉ କେହି କୁହନ୍ତି ଯେ ଏହା ଭାଗବତର ଦ୍ୱାଦଶ ସ୍କନ୍ଦ ସହ ଦଶତତ୍ତ୍ୱ ଯଥା ବାସୁଦେବ, ନୃସିଂହ, ରାମକୃଷ୍ଣ, ଶ୍ରୀଦେବୀ, ଭୂଦେବୀ, ଗୋବିନ୍ଦ, ନାରାୟଣ, ମଦନମୋହନ, ବିମଳା ଓ ଭୁବନେଶ୍ୱରୀଙ୍କ ସମାହାରର ପ୍ରତୀକ; କେହିବି ଯୁକ୍ତି ରଖନ୍ତି ଯେ ଏହା ପଞ୍ଚରନ୍ଧ୍ର, ଅଷ୍ଟସାତ୍ତ୍ୱିକ ଭାବ, ତ୍ରୀବୀଜ, ତ୍ରିଶକ୍ତି, ତ୍ରିଗୁଣର ସମାହାର ଅଟନ୍ତି; ପୁନଶ୍ଚ ଯୁକ୍ତି ଯେ କୃଷ୍ଣଚନ୍ଦ୍ର ସୁଆରଶ୍ରେଣୀ ୨୨ହେତୁ ତାଙ୍କୁ ପ୍ରତିନିଧିତ୍ୱ କରେ ୨୨ ପାହାଚ; ଏମିତିରେ ୨୨ଟି ବଡ଼ ଯଥା ବଡ଼ ଦେଉଳ, ବଡ଼ ଠାକୁର, ବଡ଼ ଦାଣ୍ଡ, ବଡ଼ ପଣ୍ଡା, ବଡ଼ ଭୋଗ (ମହାପ୍ରସାଦ), ବଡ଼ ପାବଛ ଇତ୍ୟାଦିକୁ ନେଇ ୨୨ ପାହାଚ ପ୍ରତିନିଧିତ୍ୱକୁ ବୁଝାନ୍ତି। ତେବେ ବହିଃସ୍ଥ ପାବଛ ହେଉ ବା ବାଇଶିପାହାଚ ହେଉ, ଯିଏ ଯେମିତି ସିଦ୍ଧାନ୍ତ ଟାଣିବାକୁ ଚେଷ୍ଟା କରିଛି, ତାହା ଠିକ୍ ହେଉ ବା ଭୁଲ ଥାଉ ଏବେକୁ ଏହା ବାଇଶି ପାହାଚ ଠିକ୍।

ଶ୍ରୀକ୍ଷେତ୍ରର ଐତିହ୍ୟ, ପରମ୍ପରା ଓ ଧାର୍ମିକ ବିଶ୍ୱାସରେ ଏ ପାହାଚଗୁଡ଼ିକ ବହୁତ ଗୁରୁତ୍ୱପୂର୍ଣ୍ଣ।



ଏସ୍ଥାନ ପାବନ - ପବତ୍ରର ପ୍ରତୀକ, କାରଣ ଏଇଠି ଅଛି ବ୍ରହ୍ମଲୋକ, ପିତୃଲୋକ, ଧ୍ରୁବଲୋକ ଓ ଅଷ୍ଟ ବୈକୁଣ୍ଠ। ଏହା ମହତ୍ତ୍ୱ ବ୍ୟାଖ୍ୟାନ କରିବାକୁ ଯାଇ ବଳରାମ ଦାସ ଗୁପ୍ତ ଗୀତାରେ ଲେଖିଛନ୍ତି:

*"ବାଇଶି ପାବଚ୍ଛେ ବୀର, ରହସ୍ୟ ସ୍ଥଳ ନାମତାର।*
*ଏହାଯେ ବାଇଶି ପାବଛ, ଅଠର କୋଟି ଶିବ ଲୋକ।*
*ରହିଅଛନ୍ତି ପୃଷ୍ଠ ଭାଗେ, ତାଙ୍କୁ କହିବି ତୋର ଆଗେ॥"*

ଏହା ଏକ ପବିତ୍ର ସ୍ଥାନ ନିଶ୍ଚୟ କାରଣ ଏହାରି ଉପର ଦେଇ ଜୀଉମାନଙ୍କର ଶ୍ରୀଗୁଣ୍ଡିଚା ଓ ବାହୁଡ଼ାଯାତ୍ରାର ପହଣ୍ଡି ବେଳେ ପଦସ୍ପର୍ଶ ହୁଏ। ଏହି ସମୟରେ ଏହାର ଉପରେ ଉପସ୍ଥିତ ହୋଇ ସର୍ବ ଦେବାଦେବୀମାନେ ଏ ଦୃଶ୍ୟ ଅବଲୋକନ କରନ୍ତି। ପୁନଶ୍ଚ ଏହାର ଚତୁଃପାର୍ଶ୍ୱରେ ବହୁ ଦେବଦେବୀମାନଙ୍କର ବିଜେ ହୋଇଛି। ମନ୍ଦିରର ସିଂହଦ୍ୱାର ଦେଇ ପ୍ରବେଶ କଲାବେଳେ ୩ୟ ପାହାଚର ବାମପଟେ ବିଜେ କରିଛନ୍ତି ଶ୍ରୀ କାଶୀବିଶ୍ୱନାଥ। କାହାଣୀ କୁହେ ଏକଦା ଏକ ବୃଦ୍ଧା କୁମ୍ଭାରୁଣୀ କାଶୀ ଯାଇ ଗଙ୍ଗାସ୍ନାନ କରି କାଶୀ ବିଶ୍ୱନାଥଙ୍କୁ ଦର୍ଶନ କରିବାକୁ ଅଭିଳାଷ ପୋଷଣ କରନ୍ତେ ଶ୍ରୀ ଜଗନ୍ନାଥ ତାଙ୍କୁ ସ୍ୱପ୍ନରେ କହିଲେ ଯେ ସେ ସେହି ବାଇଶି ପାହାଚର ୩ୟ ପାହାଚରେ ଆସନ୍ତାକାଲି ଉପବେଶନ ଥିବା ସନ୍ନ୍ୟାସୀଙ୍କ ଠାରୁ ପ୍ରସାଦ ପାଉ। ସେଠି ଥିବା କାଶୀ ବିଶ୍ୱନାଥ ଚରଣାମୃତ ପାଉ। ତାର ଗଙ୍ଗାଯିବା ଦରକାର ନାହିଁ। ଗଙ୍ଗାତ ବିଷ୍ଣୁଙ୍କ ଚରଣରୁ ସୃଷ୍ଟି। ସେ ଏଇଠି ଅଛନ୍ତି। ଶ୍ରୀ ଜଗନ୍ନାଥ ବ୍ରାହ୍ମଣ ସନ୍ୟାସ ବେଶରେ ସେଠି ତା' ପରଦିନ ଉପସ୍ଥିତ ଥିଲେ। ସେ ବୃଦ୍ଧା ତାଙ୍କୁ ଦର୍ଶନ କଲା ଓ ତାଙ୍କଠୁ ପ୍ରସାଦପାଇ ଗଙ୍ଗାସ୍ନାନ ଓ କାଶୀ ବିଶ୍ୱନାଥଙ୍କର ଦର୍ଶନର ଫଳ ପାଇଲା। ଶାସ୍ତ୍ରମତେ : ସକଳ ତୀର୍ଥ ତୋ ଚରଣେ, ବଦ୍ରିକା ଯିବି କି କାରଣେ।

ଦ୍ୱିତୀୟ କାରଣଟି ହେଲା ଶ୍ରୀ କାଶୀବିଶ୍ୱନାଥ କାଶୀର ରାଜା ତ୍ରିବିକ୍ରମଦେବଙ୍କୁ ବର ଦେଇଥିବାରୁ ସେ ନିଜକୁ ବାସୁଦେବ ଶ୍ରୀକୃଷ୍ଣ ବୋଲି ପରିଚିତ କରାଇଥିଲେ। ଏଥିରେ ସ୍ୱଂୟ ଭଗବାନ ଶ୍ରୀକୃଷ୍ଣ କ୍ରୁଧ ହୋଇ ରାଜା ତ୍ରିବିକ୍ରମର ଶିର ସୁଦର୍ଶନ ଚକ୍ର ପଠାଇ ଛେଦନ କରିଥିଲେ ଏବଂ କାଶୀ ବିଶ୍ୱନାଥ ତାକୁ ଏ ବର ଦେଇଥିବାରୁ ତାଙ୍କୁ ଏକ ଅଭିଷାପ ସ୍ୱରୂପ ମନ୍ଦିରର ଭିତର ପ୍ରାଙ୍ଗଣେ ସ୍ଥାନ ନଦେଇ ବାଇଶି ପାହାଚରେ ପାର୍ଶ୍ୱ ଦେବତାଭାବେ ସ୍ଥାନ ଦେଇଥିଲେ। ଶାସ୍ତ୍ରରେ ଲେଖାଅଛି: ***"ନୀଳାଚଳେ ରହିବି ମୁଁ ଦାରୁରୂପ ଧରି/ବାଇଶି ପାହାଚ ତଳେ ଆସନ ତୁମ୍ଭରି॥"*** ସହଜେ ଶ୍ରୀ ଲୋକନାଥ / ଶ୍ରୀ ବିଶ୍ୱନାଥ ଶ୍ରୀ ଜଗନ୍ନାଥଙ୍କର ଭଣ୍ଡାର ରକ୍ଷକ ହେତୁ ଏବଂ ବାଇଶି ପାହାଚତଳେ ରତ୍ନଭଣ୍ଡାର ରହିଛି ବୋଲି କେଉଁଠି ତାଙ୍କୁ ସ୍ଥାନ ସେଇଠି ରହିଛି। ସେମିତି ରାମ ସୀତାଙ୍କ ଠାରୁ ଆରମ୍ଭକରି ବାଇଶି ପାହାଚ ପାର୍ଶ୍ୱରେ ଯେତେ ଦେବତା ଅଛନ୍ତି, ସମସ୍ତେ କିଛିନା କିଛି କାହାଣୀ ସହିତ ସମ୍ବନ୍ଧିତ।

ଏ ବାଇଶି ପାହାଚର ଦୈର୍ଘ୍ୟ ପ୍ରସ୍ଥ ଏବଂ ଉଚ୍ଚତା ସର୍ବତ୍ର ସମାନ ନୁହେଁ। ଏହାର ସର୍ବାଧିକ ପ୍ରସ୍ଥ ୧୫ଫୁଟ। ଉଚ୍ଚତା ୩ଇଞ୍ଚରୁ ସାତଇଞ୍ଚ ମଧ୍ୟରେ।

ଶ୍ରୀ ଜୀଉମାନଙ୍କ ବ୍ୟତୀତ ବାଇଶିପାବଛ କେତେ କେତେ ଭକ୍ତ, ସାଧୁ, ସନ୍ଥ ଏବଂ ବିଭିନ୍ନ ସମୟରେ ଋଷିମାନଙ୍କ ପଦସ୍ପର୍ଶରେ ପବିତ୍ର। ଏଣୁ କାରଣରୁ ମନ୍ଦିର ପ୍ରବେଶ ବେଳେ ଏହାର ସ୍ପର୍ଶରେ ପାପୀମାନେ ପ୍ରଥମେ ପାପ ରହିତ ହୁଅନ୍ତି। ତାପରେ କରନ୍ତି ଶ୍ରୀ ଜିଉମାନଙ୍କ ଦର୍ଶନ। ଶୁଣାଯାଏ ନିଃସନ୍ତନୀମାନେ ସନ୍ତାନ କାମନାକରି ବାଇଶି ପାହାଚରେ ଯାଚଞ୍ଚା କରିଥାଆନ୍ତି ଏବଂ ସନ୍ତାନ ପ୍ରାପ୍ତି ପରେ ସେ ସନ୍ତାନଙ୍କୁ ବାଇଶ ପାହାଚରେ ତା' ମଙ୍ଗଳମନାସୀ ଗଡ଼ାଇ ଆଣିଥାନ୍ତି। ସେମାନଙ୍କ ବ୍ୟତୀତ ଅନ୍ୟମାନେ ସନ୍ତାନଙ୍କ ଶୁଭ ମନାସୀ ତାହାହିଁ କରିଥାଆନ୍ତି।

ଏକଥା ପୂର୍ବରୁ କହିଛୁ ଯେ ବାଇଶି ପାବଛରେ ବ୍ରହ୍ମଲୋକ, ପିତୃଲୋକ, ଧ୍ରୁବଲୋକ ଏବଂ ଅଷ୍ଟବୈକୁଣ୍ଠ ଅଛି। ଏଠାରେ ପିତୃଲୋକ ଥିବା କାରଣରୁ ଏ ବାଇଶି ପାହାଚରେ ପିଣ୍ଡଦାନ, ଅନ୍ନଦାନ ଓ ବସ୍ତ୍ରଦାନ ଇତ୍ୟାଦି ପିତୃପୁରୁଷଙ୍କୁ ଦେଲେ ସେମାନେ ଏହା ପାଆନ୍ତି। ଶ୍ରାଦ୍ଧ ଦେଉଥିବା କର୍ତ୍ତାର ବି ମହାପୂଣ୍ୟ ହୁଏ। ଶ୍ରଦ୍ଧା, ସମ୍ମାନ ଓ ଭକ୍ତି କାରଣରୁ ଶ୍ରାଦ୍ଧ ଏବଂ ତୃପ୍ତିଦାନ କରୁଥିବାରୁ ତର୍ପଣ କୁହାଯାଏ।

ହିନ୍ଦୁମାନଙ୍କର ଧାର୍ମିକ ଓ ସାଂସ୍କୃତିକ ପରମ୍ପରାରେ ଶ୍ରାଦ୍ଧ ଏକ ବୈଦିକ କର୍ମ। ଏହା ଏକ ବୈଦିକକର୍ମ ବୋଲି ସ୍ୱୀକାର କରି ଗୋପବନ୍ଧୁ ଦାସ ଲେଖିଛନ୍ତି :

*"ଆସୁଅଛି ପିତୃପକ୍ଷ କରୁଛି ତର୍ପଣ*
*ମନ୍ତ୍ରପାଠ ତଳେଦଳେ କରେ ସମର୍ପଣ*
*ପିତୃ ପିତାମହଗଣ ବୈଦିକ ବିଧାନେ*
*ଦେବଗଣେ, ଋଷିଗଣେ ପୂଜେ ଜଳଦାନେ।"*

ବେଦମତେ ପିତା-ମାତା ଏବଂ ପିତୃପୁରୁଷଗଣ ହେଉଛି ପ୍ରକୃତ ଦେବଦେବୀ। ଏଣୁ ଇହଲୋକରେ ତାଙ୍କୁ ସେବା ଓ ଶ୍ରଦ୍ଧା ଦ୍ୱାରା ଶାନ୍ତି ଓ ପରଲୋକଗତ ହେଲେ ତାଙ୍କ ତୃପ୍ତି ଓ ମୋକ୍ଷପାଇଁ ସନ୍ତାନମାନେ ଶ୍ରାଦ୍ଧ-ତର୍ପଣ-ପିଣ୍ଡଦାନ ଇତ୍ୟାଦି କର୍ମ କରିବା ଉଚିତ୍।

ଶ୍ରାଦ୍ଧ ଦିଆଯାଏ କାହାକୁ ? ସ୍ମୃତି ସଂହିତାନୁସାରେ ସାଧାରଣତଃ ଶ୍ରାଦ୍ଧ ସ୍ୱର୍ଗତ ପିତା-ମାତାଙ୍କ ଉଦ୍ଦେଶ୍ୟରେ ଦିଆଯାଏ। ଏ ଶ୍ରାଦ୍ଧ ତିଥିଅନୁଯାୟୀ ଦିନିକିଆ ବା ବର୍ଷିକିଆ ହୋଇପାରେ; କିନ୍ତୁ




ମହାଳୟା ଶ୍ରାଦ୍ଧ ଆଶ୍ୱିନ କୃଷ୍ଣପକ୍ଷ/ପିତୃପକ୍ଷରେ ଯେ କୌଣସି ବ୍ୟକ୍ତି ଯେ କୌଣସି ତିଥିରେ, ତା' ପୁରୁଷର ତିଥି ନକ୍ଷେତ୍ରକୁ ନବିଚାରି, ଯେ କୌଣସି ଦିନରେ ଦେଇଥାଏ। ମହାଳୟା ଶ୍ରାଦ୍ଧ ସାତପୁରୁଷରଶ୍ରାଦ୍ଧ ଦେଇଥାଏ। ତିନି ପିତୃ ପୁରୁଷ : ପିତା, ପିତାମହ ଓ ପ୍ରପିତାମହ ଏବଂ ଅନୁରୂପ ତିନି ମାତୃପୁରୁଷ। ମାତୃ ପୁରୁଷରେ ମଉଳାକୂଳ ସଂପୃକ୍ତ ଥିବାରୁ ମହାଳୟା ଶ୍ରାଦ୍ଧାର ଅନ୍ୟନାମ ମଉଳା ଶ୍ରାଦ୍ଧ ଏବଂ ମହାଳୟା। ଅମାବାସ୍ୟାର ନାମ ମଉଳା ଅମାବାସ୍ୟା। ଏ ଛ' ପୁରୁଷ ବାଦେ ଆଉ ଏକ ଲୁପ୍ତ ପୁରୁଷଙ୍କୁ ଦିଆଯାଏ। ସେ ହେଉଛନ୍ତି ସେହି ସ୍ୱର୍ଗତ ବ୍ୟକ୍ତି ଯାହାକୁ ଶ୍ରାଦ୍ଧ ଦେବାପାଇଁ କେହି ନଥାଏ। ଇଏ କୌଣସି ବଂଶୀୟ, ସଂପର୍କିତ ବା ପରିଚିତ ବା ଅପରିଚିତ ବ୍ୟକ୍ତି ହୋଇ ଥାଇପାରନ୍ତି। ଏତଦ୍ ଭିନ୍ନ ବ୍ରହ୍ମା, ବିଷ୍ଣୁ, ରୁଦ୍ର, ପ୍ରଜାପତି, ଋଷିଗଣ, ବେଦ ଓ ଛନ୍ଦ ଇତ୍ୟାଦିଙ୍କୁ ଶ୍ରାଦ୍ଧ ଦିଆଯାଏ। ଶ୍ରାଦ୍ଧରେ ଜଳ, ତିଳ ଓ ପିଣ୍ଡଦାନ କରାଯାଏ। ଏହାକୁ ପ୍ରାପ୍ତ ହେଲେ ପରାଗତ ଆତ୍ମା ମୁକ୍ତିଲାଭ କରିଥାଆନ୍ତି।

ମୃତ୍ୟୁ ତିଥିରେ ପରାଗତ ଆତ୍ମାମାନେ ପିଣ୍ଡପାଇଁ ଅପେକ୍ଷା କରିଥାଆନ୍ତି। ଯଦି ସେଦିନ ଉପଯୁକ୍ତ ସମୟରେ ସେମାନଙ୍କୁ ଶ୍ରାଦ୍ଧ ଦିଆନଗଲା, ସେମାନେ ନିରାଶ ହୋଇ ଫେରିଯାଆନ୍ତି। ଏବେ ପ୍ରଶ୍ନ: ସେ ପିଣ୍ଡରେ କ'ଣ ବଢ଼ାଯାଏ ? ସାଧାରଣ ପିଣ୍ଡରେ ମହାପ୍ରସାଦ ପାକନ୍ନ ଅଥବା ଅମାନ୍ନ କିମ୍ବା ଜୀବିତାବସ୍ଥାରେ ତା'ର ଯାହା ମୁଖ୍ୟଖାଦ୍ୟ ଥିଲା। ଏସବୁର ଅଭାବରେ, ବ୍ୟତିକ୍ରମରେ ଅଥବା ପୁରୋହିତଙ୍କ ମତେ ତଣ୍ଡୁଳ, ନାରୀକେଳ, କଦଳୀ ବା ଦହି ଇତ୍ୟାଦିର ଚକଟା କିମ୍ବା ସେହିକ୍ରମେ ଦଳା ଅଟା ଦିଆଯାଇପାରେ ।

ଏବେ ପ୍ରଶ୍ନ: ଶ୍ରାଦ୍ଧ ଦେବାରେ ପ୍ରକୃତ ସ୍ଥାନ କିଏ ? ଏହା ନିଶ୍ଚିତ ସତ୍ୟ ଯେ ପ୍ରଥମ ସ୍ଥାନ ହେଉଛି ଜନ୍ମସ୍ଥାନ ମୃତ୍ୟୁବଳର ତା'ର ବାସସ୍ଥାନ ବିଚାରକୁ ନିଆଯାଇପାରେ। ଦ୍ୱିତୀୟତଃ ଏହା ନଦୀତଟ, ପୁଷ୍କରିଣୀ ବା ସମୁଦ୍ରକୂଳ ହୋଇପାରେ। ତୃତୀୟତଃ ଏହା କୌଣସି ତୁଳସୀ ମୂଳେ ହୋଇପାରେ। ଅର୍ଥାତ୍ ଯେଉଁ ଜଳକୁ ତୀର୍ଥ ଜଳ ରୂପେ ଗ୍ରହଣ କରାଯାଇପାରେ। ସେହି ସ୍ଥାନରେ ଶ୍ରାଦ୍ଧ ତର୍ପଣ କରିବା ବିଧେୟ। ପିତୃତିଥି ଶ୍ରାଦ୍ଧ ଏସବୁ ସ୍ଥାନରେ କରାଯାଇପାରେ। କିନ୍ତୁ କୌଣସି ଅଦିନରେ ତିଥି ଶ୍ରାଦ୍ଧ ଏସବୁ ସ୍ଥାନରେ କରାଯାଏ ନାହିଁ। ସେଥିପାଇଁ କେତେକ ନିର୍ଦ୍ଦିଷ୍ଟ ଗ୍ରହଣୀୟ ତୀର୍ଥସ୍ଥାନ ଅଛି ଯେଉଁଠି ଯେ କୌଣସି ଶ୍ରାଦ୍ଧ, ଯେ କୌଣସି ଦିନ ତିଥିବାର ନକ୍ଷତ୍ର ବିନା କରାଯାଇପାରେ। ଯାହା ମଧ୍ୟରେ କାଶୀ ବା ଗୟା, ତ୍ରିବେଣୀ ଘାଟ ଇତ୍ୟାଦି ବିଚାରକୁ ନିଆଯାଇପାରେ। ମହାଳୟ ଶ୍ରାଦ୍ଧ ବା ପିତୃପକ୍ଷ ଶ୍ରାଦ୍ଧ ଘରେ ବା ବାହାରେ ଯେ କୌଣସି ସ୍ଥାନରେ କରଯାଇପାରେ। ମହାଳୟା ଶ୍ରାଦ୍ଧ ହିଁ କେବଳ ତର୍ପଣ ଶ୍ରାଦ୍ଧ। ଏହା କେବଳ ଆଶ୍ୱିନକୃଷ୍ଣ ପକ୍ଷ ପ୍ରତିପଦାଠାରୁ ଅମାବାସ୍ୟା ଯାଏ ଚାଲେ। ଏହି ଶ୍ରାଦ୍ଧମାଧ୍ୟମରେ ଆମେ ପିତୃପିରୁଷଙ୍କୁ ଏ ମୃତ୍ୟୁଲୋକୁ ଆହ୍ୱାନ କରୁ ଏବଂ ଏହାର ଠିକ୍ ମାସକ ପରେ କାର୍ତ୍ତିକ ଅମାବାସ୍ୟା ଦିପାବଳୀ ପିମ୍ପେଇ ଅମାବାସ୍ୟା ଅବସରେ ଦୀପଜଳାଇ ବିଦାୟ ଦେଇ କହୁ: ବଡ଼ବଡ଼ିଆ ହେ ସ୍ୱର୍ଗେ ଯା.... ଏହା ପୁଣି ଏକ ଶ୍ରାଦ୍ଧ ମାଧ୍ୟମରେ ଯାହାକୁ ଆମେ କହୁ ପୟାଶ୍ରାଦ୍ଧ।

ଶ୍ରାଦ୍ଧ ଦେବା କାର୍ଯ୍ୟଟି ସାଧାରଣତଃ ଜ୍ୟେଷ୍ଠ ପୁତ୍ର ଦ୍ୱାରା ସମାହିତ ହୋଇଥାଏ। ତାଙ୍କ ଅନ୍ତେ ତାଙ୍କ ପରବର୍ତ୍ତୀ ଭାଇ ଅଥବା ଶାସ୍ତ୍ର ସ୍ୱୀକୃତି ପ୍ରାପ୍ତ ଆଉ କେହି ଦେଇଥାଆନ୍ତି। ତେବେ ତାଙ୍କ ସହଧର୍ମଣୀ ସହଯୋଗ କରିବା ଶାସ୍ତ୍ର ସମ୍ମତ। ଏମିତିକି ସ୍ୱାମୀଙ୍କ ଅନୁପସ୍ଥିତିରେ ପିଣ୍ଡଦାନର ପ୍ରମାଣ ଅଛି ଯଥା - ସୀତା। ବାଇଶି ପାହାଚ ପିଣ୍ଡଦାନ ସ୍ଥାନ ଦୃଷ୍ଟିରୁ ଏକ ଠିକ୍ ସ୍ଥାନ ନୁହେଁ। ତେବେ କାହିଁକି ବା କେବଠୁ ଏଠାରେ ପିଣ୍ଡଦାନ ହୋଇ ଆସୁଛି ଏହାହିଁ ବିଚାର୍ଯ୍ୟ। କିମ୍ବଦନ୍ତୀ ଅନୁସାରେ ରାଜା ଦର୍ପନାରାୟଣ ଶ୍ରୀ ଜଗନ୍ନାଥଙ୍କ ପ୍ରତ୍ୟହ ଦର୍ଶନ କରିବା ସହିତ ପିତୃପୁରୁଷଙ୍କୁ ଏଇଠି ଶ୍ରାଦ୍ଧ ଦେଉଥିଲେ। ଶ୍ରୀ ଜଗନ୍ନାଥ ତାଙ୍କର ଏପରି କାର୍ଯ୍ୟରେ ସନ୍ତୁଷ୍ଟ ହୋଇ ତାଙ୍କୁ ବ୍ରାହ୍ମଣ ବେଶରେ ଦେଖାଦେଇ ଆଶୀର୍ବାଦ ଦେଇଥିଲେ। ସେବେଠୁ ତାହାଙ୍କୁ ଅନୁକରଣ କରି ଏଠାରେ ଅନ୍ୟମାନେ ପିତୃପୁରୁଷଙ୍କ ଶ୍ରାଦ୍ଧ ବାଢ଼ନ୍ତି। ତେବେ ଏହା ସହିତ ମୁଖ୍ୟ କାରଣଟି ଏହି ଯେ ବାଇଶି ପାହାଚହିଁ ପିତୃପୁରୁଷଙ୍କ ଉପସ୍ଥିତିର ଏକ ମୁଖ୍ୟସ୍ଥାନ ଯେଉଁଠି ଶ୍ରାଦ୍ଧ ବାଢ଼ିଲେ ସେମାନେ ପାଇବେ। ଶ୍ରାଦ୍ଧ ଦୃଷ୍ଟିରୁ ଏହା ଏକ ଗୁରୁତ୍ୱପୂର୍ଣ୍ଣ, ମହତ୍ୱପୂର୍ଣ୍ଣ ଏବଂ ଶ୍ରେଷ୍ଠତମ ପବିତ୍ର ସ୍ଥାନ। ଏଇଠି ବିଦ୍ୟମାନ ପିତୃଲୋକ ସହ ସବୁଲୋକ ବାବା ଧାମ। ଏଠି ସର୍ବ ଦେବାଦେବୀ ଉପସ୍ଥିତ। ଏଇଠି ରହିଛି ପିଣ୍ଡଦାନକୁ ଶ୍ରେଷ୍ଠ ଦେୟ ମହାପ୍ରସାଦ, ଗଙ୍ଗାଧାରର ଶ୍ରେଷ୍ଠଜଳ ଶ୍ରୀ କାଶୀ ବିଶ୍ୱନାଥ ଏବଂ ଚରଣାମୃତ, ଏଇଠି ହୁଏ ପୟାଶ୍ରାଦ୍ଧ ଓ ମାର୍ଗଶୀର ମାସର ଅମାବାସ୍ୟା ଶ୍ରାଦ୍ଧ ଯାହା ସବୁ ପିତୃପୁରୁଷଙ୍କ ପାଇଁ ଉଦ୍ଦିଷ୍ଟ। ପୁରୀ ହିଁ ତୀର୍ଥରାଜ। ଏହାର ପୁଷ୍କରିଣୀ, ସମୁଦ୍ର ଓ ବାଇଶି ପାବଛ ସମସ୍ତେ ତୀର୍ଥ କ୍ଷେତ୍ର। ଏହି କାରଣରୁ ଶ୍ରଦ୍ଧାଳୁମାନେ ପୁରୀ ଆସି ପ୍ରଥମେ ସମୁଦ୍ର ବା ପୁଷ୍କରିଣୀରେ ବୁଡ଼ ବା ସ୍ନାନସାରି ବାଇଶି ପାହାଚରେ ପକାନ୍ତି ଶ୍ରାଦ୍ଧ। ତା'ପରେ କରନ୍ତି ଶ୍ରୀ ଜୀଉମାନଙ୍କ ଦର୍ଶନ। ପିତୃପକ୍ଷରେ ପିତୃପୁରୁଷଗଣ ବାଇଶି ପାହାଚରେ ଉପସ୍ଥିତି ଥିବାରୁ ସେହିଦିନଗୁଡ଼ିକରେ ଏଠି ଶ୍ରାଦ୍ଧଦେବା ସବୁଠୁ ଉତ୍ତମ। ବିଶେଷକରି ମହାଳୟା ଦିବସ ସବୁଠୁ ସର୍ବୋତ୍ତମ।

ଶ୍ରାଦ୍ଧ ପରେ ବ୍ରାହ୍ମଣ, ଦୁଃଖୀ ବା ରଙ୍କିଙ୍କୁ ଭୋଜନ ଦାନ ଓ ଦକ୍ଷିଣା ନିଶ୍ଚିତ। ବିଶ୍ୱାସ ଯେ ଯେମନ୍ତ ଦେଇ, ତେମନ୍ତ ପାଇ। ଆମେ ମହାଭାରତରୁ ଜାଣିଛେ ଯେ କର୍ଣ୍ଣଥିଲେ ମହାଦାନୀ। ସେ ପ୍ରତ୍ୟହ ଗରିବ ବା ଅଭାବୀଙ୍କୁ ସ୍ୱର୍ଣ୍ଣ ଦାନ କରୁଥିଲେ। କିନ୍ତୁ ମୁଠାଏ ଅନ୍ନ କାହାକୁ ଦେଇ ନଥିଲେ। ଏଣୁ ଯେତେବେଳେ ତାଙ୍କର ସ୍ୱର୍ଗବାସ କଲା। ସେଠି ଆଉ ତାଙ୍କୁ କୁଢ଼ କୁଢ଼ ସୁବର୍ଣ୍ଣ ମିଳିଲା। ହେଲେ ମୁଠାଏ ଅନ୍ନ ନାହିଁ। ସେଥିପାଇଁ ସେ ୧୪ଦିନ ପାଇଁ ମର୍ତ୍ତ୍ୟଲୋକକୁ ଆସି ଅନ୍ନଦାନ କରି ଫେରିଲେ। ଏହାଥିଲା ଆଶ୍ୱିନ ପ୍ରତିପଦାଠାରୁ ଆଶ୍ୱିନ ଆମାବାସ୍ୟା ଯାଏଁ। କେହିକେହି ଏହାକୁ ସେହି କାରଣରୁ ପିତୃପକ୍ଷ କୁହନ୍ତି। ଏଥିରୁ ଆମେ ନିଶ୍ଚିତ ଯେ କର୍ଣ୍ଣଙ୍କ ମୃତ୍ୟୁ ପରଠୁ ପିତୃପକ୍ଷ ପାଳିତ ହେଉଅଛି।

ପିତା-ମାତା ପ୍ରତିଟି ବ୍ୟକ୍ତିପାଇଁ ସ୍ରଷ୍ଟା ଓ ସୃଷ୍ଟି କର୍ତ୍ତା ଏବଂ ସେମାନଙ୍କ ବିନା ଆମ କଳ୍ପନା ଏବଂ ଏ ପୃଥିବୀରେ ଆମ ସ୍ଥିତି ନିହାତି ଅସମ୍ଭବ ଅଟେ। ତାଙ୍କ ଜୀବଦଶାରେ ସେ ଆମ ଜୀଅନ୍ତା ଦିଅଁ ଯାହାଙ୍କ ସେବା, ଯତ୍ନ ଓ ନିଃସ୍ୱାର୍ଥପର ଦାନରେ ଆମେ ଏଠି ତିଷ୍ଠିଛେ। ମାତାତ ଜନ୍ମଦାତ୍ରୀ, ପାଳନକର୍ତ୍ତା, ସର୍ବସଂହା ଧରିତ୍ରୀ, କଲ୍ୟାଣମୟୀ, ମମତାମୟୀ, ଶୁଭ୍ରଦାୟିନୀ ମା', ସ୍ୱର୍ଗାଦପୀ ଗରିୟସୀ; ପିତାତ କରୁଣାର ଅବତାର, ବାକ୍ୟାତୀତ, ଭାଷାତୀତ, ଆକାଶଠାରୁ ମହାନ୍। ଆମେ ତାଙ୍କ ଋଣ ଶୁଝିବାରେ ନିହାତି ଅଧମ ଅକ୍ଷମ ଏବଂ ଅକିଞ୍ଚନ। ତଥାପି କିଛି କରିନପାରିଲେ ବି ତାଙ୍କ ପ୍ରତି ଅନୁରାଗ, ଅନୁରକ୍ତି, ଶ୍ରଦ୍ଧା, ସମ୍ମାନ ଓ ଭକ୍ତି କ'ଣ ଏତିକି ପାରିବାନାହିଁ? ତାଙ୍କ ଅନ୍ତେ ତାଙ୍କ ମୋକ୍ଷପାଇଁ କରିପାରିବା ନାହିଁ ଶ୍ରାଦ୍ଧ-ତର୍ପଣ? ତାଙ୍କ ତୃପ୍ତିରେ ବାଢ଼ିପାରିବା ନାହିଁ ମୁଠାଏ ପିଣ୍ଡ?? ବୋଧହୁଏ ଏତିକି କଲେ ଦେବତାମାନେ ଆମଠି ଖୁସି ହୋଇପାରନ୍ତି। ଏଣୁ ଯଥାର୍ଥରେ କୁହାଯାଇଛି :

*"ଜନନୀ ଜନ୍ମ ଭୂମିଶ୍ଚ, ସ୍ୱର୍ଗାଦପୀ ଗରିୟସୀ...*
*ପିତା ଧର୍ମ ପିତା ସ୍ୱର୍ଗ ପିତାହି ପରମତପଃ*
*ପିତରି ପ୍ରୀତିମାର୍ପ୍ତେ ପ୍ରିୟନ୍ତେ ସର୍ବଦେବତା॥"*

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ
ଭୁବନେଶ୍ୱର, ୨୦୨୩, ଡିସେମ୍ବର ୨୧

# ପ୍ରେମ ଓ ଶାନ୍ତି


ଅନୁପମା ଭୂୟାଁ

ପ୍ରେମ ଶାଶ୍ୱତ ଓ ସୁନ୍ଦର । ଏହା କେବେ, କେତେବେଳେ, କାହା ସହିତ ବି ହୋଇପାରେ । ଆଉ ଥରେ ମନରେ ମନ ମିଶିଗଲେ ନା ସମାଜ, ନା ପରିବାର କେହି କରିପାରନ୍ତିନି ଅଲଗା । ପ୍ରେମର ପରିଭାଷା ପରିପୂର୍ଣ୍ଣତାରେ ଉକୁଟି ଉଠିଥାଏ ପ୍ରେମ ପାଇଁ ଚେଷ୍ଟା ସଫଳ ବା ବିଫଳ ହୋଇପାରେ କିନ୍ତୁ ପ୍ରେମ କେବେ ଅସଫଳ ହୁଏନି । ପ୍ରେମ ମାନେ ହିଁ ସାର୍ଥକତା ଓ ସଫଳତା । ପ୍ରେମରେ ମଣିଷ ପଡ଼େନି ବରଂ ପ୍ରେମ ତିଆରି ହୋଇଯାଏ ଆପଣା ଛାଏଁ ଆବେଗରେ । ଗଢ଼ି ହୁଏ ମଣିଷ ନୂଆ କରି ନୂଆ ପ୍ରକ୍ରିୟାରେ ପ୍ରେମର ସେହି ଅନନ୍ୟ ଅନୁଭବରେ । ଭାଲେଣ୍ଟାଇନ୍ ଡ ହେଉଛି ପ୍ରେମ ପରିପ୍ରକାଶ କରିବାର ଦିବସ । ମନର ଭାବକୁ ଶବ୍ଦ ଆକାରରେ ପରିପ୍ରକାଶ କରିବା ଲାଗି ଅନେକ ଏହି ଦିନକୁ ଅପେକ୍ଷା କରିଥାନ୍ତି । ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ଠାରୁ ଆରମ୍ଭ କରି ପ୍ରାଚ୍ୟ ରାଷ୍ଟ୍ରରେ ଭିନ୍ନ ଭିନ୍ନ ଢ଼ଙ୍ଗରେ ପ୍ରେମ ଦିବସ ପାଳନ କରାଯାଇଥାଏ । ପ୍ରେମୀଯୁଗଳଙ୍କ ପାଇଁ ଏହି ଦିବସ ଅନେକ ମହତ୍ତ୍ୱ ରଖିଥାଏ । ଇତିହାସ କୁହେ, ସନ୍ଥ ଭାଲେଣ୍ଟାଇନ୍‌ଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏହି ଦିବସ ପାଳନ କରାଯାଇଥାଏ । ତୃତୀୟ ଶତାବ୍ଦୀରେ ସମ୍ରାଟ କ୍ଲାଓଡିୟସ୍ ରୋମରେ ରାଜୁତି କରୁଥିଲେ । ତାଙ୍କ ଅନୁଯାୟୀ, ବିବାହ କରିବା ଦ୍ୱାରା ପୁରୁଷଙ୍କ ଶକ୍ତି ଏବଂ ବୁଦ୍ଧି ହ୍ରାସ ପାଇଥାଏ । ସେ ଆଜ୍ଞା ଜାରି କଲେ ଯେ ରାଜ୍ୟର କୌଣସି ଶ୍ରମିକ କିମ୍ବା ଅଧିକାରୀ ବିବାହ କରିବେ ନାହିଁ । ମାତ୍ର ସନ୍ଥ ଭାଲେଣ୍ଟାଇନ୍ ଏହି କ୍ରୁର ଆଦେଶର ବିରୋଧ କରିଥିଲେ । ତାଙ୍କ ଆହ୍ୱାନ କ୍ରମେ ସୈନିକ ଓ ଅଧିକାରୀମାନେ ବିବାହ କଲେ । ଶେଷରେ ସମ୍ରାଟ କ୍ଲାଓଡ଼ିୟସ୍ ୨୬୯ ମସିହା ଫେବୃୟାରୀ ୧୪ ତାରିଖରେ ସନ୍ଥ ଭାଲେଣ୍ଟାଇନ୍‌ଙ୍କୁ ଫାଶୀ ଦେଇଦେଲେ । ସେବେ ଠାରୁ ତାଙ୍କ ସ୍ମୃତିରେ ଏହି ଦିନକୁ ପ୍ରେମ ଦିବସ ଭାବେ ପାଳନ କରାଯାଇଥାଏ । କୁହାଯାଏ ଯେ ସନ୍ଥ ଭାଲେଣ୍ଟାଇନ୍ ମୃତ୍ୟୁ ପୂର୍ବରୁ ଜେଲର୍‌ଙ୍କ ଅନ୍ଧୁଣୀ ଝିଅ ଜ୍ୟାକୋଭସଙ୍କୁ ନେତ୍ର ଦାନ କରିଥିଲେ । ଏଥିସହିତ ଜ୍ୟାକୋବାସ୍‌ଙ୍କୁ ଏକ ପତ୍ର ଲେଖି ଶେଷରେ ଲେଖିଥିଲେ ତୁମର ଭାଲେଣ୍ଟାଇନ୍ । ଏହି ଦିନ ଥିଲା ଫେବୃଆରୀ ୧୪ ତାରିଖ । ଏହାପର ଠାରୁ ସନ୍ଥଙ୍କ ନାମ ଅନୁଯାୟୀ ଭାଲେଣ୍ଟାଇନ୍ ଡେ ଅବସରରେ ସାରା ବିଶ୍ୱରେ ନିଃସ୍ୱାର୍ଥ ପ୍ରେମର ବାର୍ତ୍ତା ବଣ୍ଟା ଯାଇଥାଏ ।

ପ୍ରେମ ଓ ଶାନ୍ତି ହିଁ ମନୁଷ୍ୟର ଜୀବନକୁ ସୁଖମୟ କରିଦିଏ । ଏହି ପ୍ରେମ ଓ ଶାନ୍ତି ପାଇଁ ଆମକୁ କେତେଗୁଡ଼ିଏ ଦିଗ ପ୍ରତି ଗୁରୁତ୍ୱ ଦେବାକୁ ହେବ । ସେହି ସରଳ ମାର୍ଗ ଗୁଡ଼ିକ ହେଉଛି ସବୁବେଳେ ମନେରଖନ୍ତୁ ଈଶ୍ୱରଙ୍କ ପ୍ରତି ଭକ୍ତିଭାବ ରଖିବା ସହ ନିଜକୁ ସବୁବେଳେ ଭାଗ୍ୟବାନ ମନେ କରିବା ଉଚିତ । ଏହାଦ୍ୱାରା ମନ ମଧ୍ୟରୁ ସବୁ ଗ୍ଲାନି ଦୂର ହୋଇଯାଏ । ଏହାସବୁ ଅସଫଳତାକୁ ଦୂର କରିବାରେ ସହାୟକ ହୋଇଥାଏ । ଆଜିର ଏହି ବ୍ୟସ୍ତବହୁଳ ଜୀବନରେ ନିଜ ପାଇଁ କିଛି ସମୟ ରଖିବା ଉଚିତ । ଶାନ୍ତ ଓ ନିରୋଳାରେ କିଛି ମୁହୂର୍ତ୍ତ ବ୍ୟକ୍ତିର ସୃଜନଶୀଳତାକୁ ବୃଦ୍ଧି କରିବା ସହ ଏକାଗ୍ରତା ବୃଦ୍ଧି କରିଥାଏ । କେବଳ ସେତିକି ନୁହେଁ ଏହାଦ୍ୱାରା ଜୀବନର ଗୁଣାତ୍ମକମାନ ବୃଦ୍ଧି ହୋଇଥାଏ । ବର୍ଷ ପରେ ବର୍ଷ ବିତି ଚାଲିଛି । ସମୟ ଚକ୍ରରେ ବ୍ୟକ୍ତିର ଜୀବନ ହେଉଛି ଏକ ଛୋଟ ଅଣୁ ପରି । ଏହା ସହ ଜୀବନ ହେଉଛି କ୍ଷଣସ୍ଥାୟୀ । ଏପରି ଭାବିବା ଦ୍ୱାରା ମନର ସଂକୀର୍ଣ୍ଣତା ଦୂର ହୋଇଯାଏ । ଫଳରେ ବ୍ୟକ୍ତି ପ୍ରତ୍ୟେକ ମୁହୂର୍ତ୍ତକୁ ଉପଭୋଗ କରିପାରେ । ମନରେ ସବୁବେଳେ ଦୟାଭାବ ରଖିବା ଉଚିତ । ଏହାସହ କୌଣସି ଆଶା ନରଖି ଅନ୍ୟର ସେବା କରିବା ଉଚିତ । ଏହା ଜୀବନରେ ଶାନ୍ତି ଓ ପ୍ରେମକୁ ବଢ଼ାଇବାରେ ସହାୟକ ହୋଇଥାଏ । ହସ ମନୁଷ୍ୟର ବ୍ୟକ୍ତିତ୍ୱ ବିକାଶରେ ସହାୟକ ହୋଇଥାଏ । ପ୍ରତ୍ୟେକ ଦିନ ସକାଳେ ଦର୍ପଣରେ ନିଜକୁ ଏକ ଛୋଟ ହସ ଉପହାର ଦେଇ ଦିନରୁ ଶୁଭାରମ୍ଭ କରିବା ଉଚିତ । ଏହାସହ ପ୍ରତିଦିନ ଭେଟୁଥିବା ବ୍ୟକ୍ତିଙ୍କୁ ମଧ୍ୟ ଏହି ଉପହାର ଦେବା ଉଚିତ । ଏହା ବ୍ୟକ୍ତିକୁ ଶାନ୍ତ କରିବାରେ ସହାୟକ ହୋଇଥାଏ । ଏହା ବ୍ୟକ୍ତିର ସହ ଆତ୍ମବିଶ୍ୱାସକୁ ମଧ୍ୟ ବଢ଼ାଇଥାଏ । ସେହିପରି ବ୍ୟକ୍ତି ମନର ଶାନ୍ତି ପାଇଁ ପ୍ରତିଦିନ ଧ୍ୟାନ ଅଭ୍ୟାସ କରିବା ଉଚିତ । ଏହାମନରେ ଗଭୀର ବିଶ୍ୱାସ ଆଣିବା ସହ ମନକୁ ଉପଯୁକ୍ତ ବିଶ୍ରାମ ପ୍ରଦାନ କରିଥାଏ । କେବଳ ସେତିକି ନୁହେଁ ସବୁବେଳେ ନିଜକୁ ଜଣେ ଛାତ୍ର ଭାବେ ମାନିବା ଉଚିତ । ଏହା ମନରୁ ଅହଂ ଭାବ ଦୂର କରିଥାଏ । ଛାତ୍ର ଭଳି ସବୁବେଳେ ଜିଜ୍ଞାସୁ ହେବା ଉଚିତ । କାରଣ ପ୍ରତ୍ୟେକ ବସ୍ତୁରୁ ବ୍ୟକ୍ତି କିଛି ନା କିଛି ଶିକ୍ଷା ଗ୍ରହଣ କରିଥାଏ । ଉପରୋକ୍ତ ଦିବ୍ୟ ଚିନ୍ତନର ମାର୍ଗ ଆମ ସମସ୍ତଙ୍କ ଜୀବନକୁ ଆଧ୍ୟାତ୍ମିକମୟ ଓ ଆନନ୍ଦରେ ଭରି ଦେବ ନିଶ୍ଚୟ ଏହି କାମନା କରିବା ।

*'ସାଇବିଥି' ୭ଡ଼ି/୧୩୫୪,*
*ସେକ୍ଟର-୯, ସିଡିଏ, କଟକ*

# ଆତ୍ମହତ୍ୟା ଏକ ସାମାଜିକ ବ୍ୟାଧି


ସୁବାଷ କୁମାର ତାରଣିଆଁ

ଆତ୍ମହତ୍ୟା କରିବାର ପ୍ରବଣତା ମନୁଷ୍ୟ ମଧ୍ୟରେ କେଉଁ ଆବହମାନ କାଳରୁ ରହିଆସିଛି । ଆତ୍ମହତ୍ୟାକୁ ଏକ ମହାପାପ ବୋଲି ସବୁ ଧର୍ମଗ୍ରନ୍ଥରେ ଉଲ୍ଲେଖ ରହିଛି । ମନୁଷ୍ୟ ମନରେ ଥିବା ଅପୂରଣୀୟ କାମନାରେ ନିରାଶ ହେଲେ ସେ ଆତ୍ମହତ୍ୟା କରିବାକୁ ବାଧ୍ୟ ହୋଇଥାଏ । ଦେଶର ଉନ୍ନତି ଯୁବକମାନଙ୍କ ଦ୍ୱାରା ସମ୍ଭବ । ମାତ୍ର ଯୁବକମାନେ ଏଥିପ୍ରତି ଦୃଷ୍ଟି ନଦେଇ ନିଜ ଜୀବନକୁ ବ୍ୟକ୍ତିକୈନ୍ଦ୍ରିକ କରିଦେଉଛନ୍ତି, ଫଳରେ ବାଧାବିଘ୍ନର ହତାଶାଭାବରେ ସେମାନେ ଆତ୍ମହତ୍ୟାକୁ ଆପଣାଉଛନ୍ତି । କହିବାକୁ ଗଲେ ଯୁବଗୋଷ୍ଠୀଙ୍କ ସହନଶୀଳତା ଗୁଣର ଘୋର ଅବନତି ଘଟୁଛି । ଯାହାର ପରିଣାମସ୍ୱରୂପ ସେମାନେ ଧୈର୍ଯ୍ୟହରା ହୋଇ ଆତ୍ମହତ୍ୟା କରିବାକୁ ବାଧ୍ୟ ହେଉଛନ୍ତି । ସେହିପରି ପାରିବାରିକ, ଆର୍ଥିକ, ସାମାଜିକ ଓ ପ୍ରେମ ଜନିତ କାରଣରୁ ଦୁର୍ବଳମନା ଓ ନିରାଶ ହେବାରୁ ସମାଜରେ ଆତ୍ମହତ୍ୟା ବୃଦ୍ଧି ପାଉଛି । ପ୍ରେମ ସତ୍ୟ, ଶାଶ୍ୱତ ଓ ପ୍ରେମ ଚିରନ୍ତନ । ଦୁଇଟି ଅଜଣା ଆତ୍ମାର ମିଳନରୁ ସୃଷ୍ଟି ହୋଇଥାଏ ପ୍ରେମ । ମାତ୍ର ପ୍ରେମରେ ଧୋକ୍କା ପାଇଁ ହେଉ ଅବା ତ୍ରିକୋଣୀୟ ପ୍ରେମକୁ ନେଇ ମାନସିକ ଚାପରୁ ଅନେକ ଯୁବକ ଯୁବତୀ ଆତ୍ମହତ୍ୟା ଭଳି ପନ୍ଥାକୁ ଆପଣାଉଛନ୍ତି । ପ୍ରେମ ପାଇଁ କିଏ ରୋଜଗାରିଆ ପୁଅକୁ ହରାଉଛି ତ କିଏ ଉଚ୍ଚଶିକ୍ଷିତା ଝିଅକୁ ହରାଉଛି । ଫଳରେ ପରିବାରରେ ଅଶାନ୍ତିର ବାତାବରଣ ସୃଷ୍ଟି ହେଉଛି ।

୨୦୨୧ ମସିହାରେ ରାଜଧାନୀରେ ୨୭୭ଟି ଆତ୍ମହତ୍ୟା ମାମଲା ରୁଜୁ ହୋଇଥିଲା । ସେଥିମଧ୍ୟରୁ ୧୯୦ଜଣ ପୁରୁଷ ଥିବାବେଳେ ୮୭ଜଣ ମହିଳା ଥିଲେ । ରଶି ଲଗାଇ ବା ଝୁଲନ୍ତ ଅବସ୍ଥାରେ ୧୩୫ଜଣ ଆତ୍ମହତ୍ୟା କରିଥିବା ବେଳେ ୧୧୯ ଜଣ ବିଷ ପିଇ ଆତ୍ମହତ୍ୟା କରିଥିଲେ । ଏକ ତଥ୍ୟ ଅନୁସାରେ ରାଜ୍ୟରେ ୨୦୧୬ ମସିହାରେ ମୋଟ ୩୧୪ଜଣ ଆତ୍ମହତ୍ୟା କରିଥିଲେ । ସେହିପରି ୨୦୧୭ ମସିହାରେ ୨୩୮ଜଣ, ୨୦୧୮ ମସିହାରେ ୨୪୨ଜଣ, ୨୦୧୯ ମସିହାରେ ୧୭୨ଜଣ, ୨୦୨୦ ମସିହାରେ ୨୫୦ ଏବଂ ୨୦୨୧ ମସିହାରେ ୩୦୦ଜଣ ଆତ୍ମହତ୍ୟା କରିଥିଲେ । ସମ୍ପ୍ରତି ପ୍ରେମ ଜନିତ କାରଣରୁ ରାଜ୍ୟରେ ଆତ୍ମହତ୍ୟା ବୃଦ୍ଧି ପାଉଥିବା ପରିଲକ୍ଷିତ ହେଉଛି । ଭରତପୁର ଅ ଳର ସୁରେଖା ପଲେଇ ଜଣେ ଯୁବକଙ୍କୁ ପ୍ରେମ କରୁଥିଲେ । କିନ୍ତୁ ଯୁବକ ଜଣକ ସୁରେଖାଙ୍କ ଠାରୁ କମ୍ ବୟସର ହୋଇଥିବାରୁ ବିବାହ ପାଇଁ ରାଜି ହୋଇନଥିଲେ । ଫଳରେ ସୁରେଖା ମାନସିକ ଚାପରୁ ଆତ୍ମହତ୍ୟା କରିଥିଲେ । ଖଣ୍ଡଗିରି ଅ ଳରେ ରହୁଥିବା ଶିକ୍ଷୟିତ୍ରୀ ସବନମ ବର୍ମା ତାଙ୍କ ଠାରୁ କମ୍ ବୟସର ଜଣେ ଯୁବକଙ୍କୁ ପ୍ରେମ କରୁଥିଲେ, କିନ୍ତୁ ଯୁବକ ଜଣଙ୍କ ବିବାହ ପାଇଁ ରାଜି ନହେବାରୁ ସବନମ୍ ରଶି ଲଗାଇ ଆତ୍ମହତ୍ୟା କରିଥିଲେ । ରାଜଧାନୀ ଭୁବନେଶ୍ୱରସ୍ଥ ସାମନ୍ତରାପୁରରେ ରହୁଥିବା ନୀଳାମ୍ବର ସ୍ୱାଇଁ ନାମକ ଜଣେ ଯୁବକ ଜଣେ ଯୁବତୀଙ୍କୁ ପ୍ରେମ କରୁଥିଲେ । ମାତ୍ର କୌଣସି କାରଣରୁ ଯୁବତୀ ଜଣକ ଆତ୍ମହତ୍ୟା କରିବା ପରେ ଭାରସାମ୍ୟ ହରାଇ ନୀଳାମ୍ବର ମଧ୍ୟ ଆତ୍ମହତ୍ୟା କରିଥିଲେ । ମ ଶ୍ୱର ଅ ଳର ଜଣେ ଯୁବକ ଜଣେ ଯୁବତୀଙ୍କୁ ପ୍ରେମ କରୁଥିଲେ । ମାତ୍ର ଯୁବକଙ୍କ ଠାରୁ ଯୁବତୀ ବୟସରେ ବଡ଼ ହୋଇଥିବାରୁ ବିବାହ ସମ୍ଭବ ହୋଇପାରି ନଥିଲା ଏବଂ ଶେଷରେ ଯୁବକଣକ ଆତ୍ମହତ୍ୟା କରିଥିଲେ । ଶ୍ୱେତାକୁମାରୀ ନାମକ ଜଣେ ସଫ୍ଟୱେୟାର ଇଞ୍ଜିନିୟର ସୌମ୍ୟଜିତ ନାମକ ଜଣେ ଯୁବକଙ୍କୁ ଭଲ ପାଉଥିଲେ । ଘରଭଡ଼ା ନେଇ ଉଭୟେ ସ୍ୱାମୀ ସ୍ତ୍ରୀ ଭଳି ଚଳୁଥିଲେ । ଏକଥା ଉଭୟଙ୍କ ପରିବାର ମଧ୍ୟ ଜାଣିଥିଲେ । ମାତ୍ର ସୌମ୍ୟଜିତ ଅନ୍ୟ ଜଣେ ଯୁବତୀଙ୍କୁ ଭଲ ପାଇବାରୁ ଶ୍ୱେତାଙ୍କୁ ଭୁଲିଯାଇଥିଲେ । ଶ୍ୱେତା ଏକଥା ଜାଣିବା ପରେ ଉଭୟ ପ୍ରେମିକ ଓ ପ୍ରେମିକାଙ୍କ ମଧ୍ୟରେ ମନୋମାଳିନ୍ୟ ଦେଖା ଦେଇଥିଲା ଏବଂ ଶ୍ୱେତା ଆତ୍ମହତ୍ୟା କରିଥିଲେ ।

ପ୍ରେମରେ ଧୋକା ଖାଇବା ପରେ କଟକ ଜିଲ୍ଲାର ଜଣେ ଯୁବ ମଡ଼େଲର ସୌମ୍ୟରଞ୍ଜନ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ । ସୌମ୍ୟରଞ୍ଜନ ଆତ୍ମହତ୍ୟା କରିବା ପୂର୍ବରୁ ସୁଇସାଇଡ଼ ନୋଟରେ ପ୍ରେମର କାହାଣୀ ବିଷୟରେ ଲେଖିଦେଇ ଯାଇଥିଲେ । ସୌମ୍ୟରଞ୍ଜନ ମୁମ୍ବାଇରେ ମଡ଼େଲିଂ କରୁଥିଲେ । ମାତ୍ର ମହାମାରୀ କରୋନା ଯୋଗୁ ସେ ଘରକୁ ଫେରି ଆସିଥିଲେ ଏବଂ ଏକ କାଫେ ଖୋଲିଥିଲେ । କାଫେକୁ ଜଣେ ଯୁବତୀ ନିୟମିତ ଆସୁଥିବାରୁ ସୌମ୍ୟଜିତଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ ଗଢି ଉଠିଥିଲା । ଦୁଇବର୍ଷ ଧରି ଉଭୟେ ପ୍ରେମ କରୁଥିଲେ । ଏହି ଘଟଣା ଉଭୟଙ୍କ ପରିବାର ଜାଣିବାରୁ ଉଭୟଙ୍କ ବିବାହ କରିବାକୁ ଯୋଜନା କରିଥିଲେ । କିନ୍ତୁ କୌଣସି କାରଣ ଯୋଗୁ ସୌମ୍ୟଜିତ ମାନସିକ ଚିନ୍ତାରେ ଥିଲେ ଏବଂ ବିଳମ୍ବିତ ରାତିରେ ଘର ଭିତରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ । ଏ ସମ୍ପର୍କରେ ଯୁବତୀଙ୍କୁ ପଚରିବାରୁ ସେ ପ୍ରେମ ସମ୍ପର୍କକୁ ଏଡ଼ାଇ ଦେଇଥିଲେ । ମାତ୍ର ଯୁବତୀଜଣଙ୍କ ଆଉ ଜଣେ ଯୁବକ ସହିତ ବୁଲାବୁଲି କରୁଥିବାରୁ ସୌମ୍ୟଜିତ ଏହାକୁ ସହଜରେ ଗ୍ରହଣ କରିପାରୁ ନଥିଲେ । ଏଥିପାଇଁ ସେ ଆତ୍ମହତ୍ୟା କରିଥାଇ ପାରନ୍ତି ବୋଲି ଅଭିଯୋଗ ହୋଇଥିଲା ।

ବିଜେବି ସ୍ୱୟଂଶାସିତ କଲେଜର +୩ ପ୍ରଥମ ବର୍ଷର ଛାତ୍ରୀ ରୁଚିକା ମହାନ୍ତିଙ୍କ ର୍ୟାଗିଂ ଜନିତ ଆତ୍ମହତ୍ୟା ଘଟଣା ରାଜ୍ୟରେ ଏବେ ଚ ଲ୍ୟ ସୃଷ୍ଟି କରିଛି । କଲେଜର ତିନିଜଣ ବରିଷ୍ଠ ସହପାଠୀ ରୁଚିକାଙ୍କୁ ମାନସିକ ନିର୍ଯ୍ୟାତନା (ର୍ୟାଗିଂ) ଦେଉଥିଲେ । ନିର୍ଯ୍ୟାତନା ଅସହ୍ୟ ହେବାରୁ ଶେଷରେ ରୁଚିକା ଛାତ୍ରୀନିବାସ ଭିତରେ ଆତ୍ମହତ୍ୟା କରିଥିଲେ । ଆତ୍ମହତ୍ୟା ପୂର୍ବରୁ ରୁଚିକା ଲେଖିଥିବା ଚିଠିରୁ ଏହା ର୍ୟାଗିଂ ଜନିତ ଆତ୍ମହତ୍ୟା ଜଣାପଡ଼ିବାରୁ ଏହି ଘଟଣା ଏବେ ସାରା ରାଜ୍ୟରେ ଏକ ପ୍ରମୁଖ ପ୍ରସଙ୍ଗ ପାଲଟିଛି । ଏପରିକି ବିଧାନସଭାରେ ମଧ୍ୟ ରୁଚିକାଙ୍କ ଆତ୍ମହତ୍ୟାକୁ ନେଇ ତୁମୁଳ ହଟ୍ଟଗୋଳ ସୃଷ୍ଟି ହୋଇଥିଲା । ଓଡ଼ିଶାର ପ୍ରମୁଖ ଶିକ୍ଷାନୁଷ୍ଠାନ ଭୁବନେଶ୍ୱରର ବିଜେବି କଲେଜରେ ଏଭଳି ଏକ ସମ୍ବେଦନଶୀଳ ଘଟଣା ଲୋକଲୋଚନକୁ ଆସିବା ପରେ ଅଭିଭାବକ ଓ ସାଧାରଣ ଜନତାଙ୍କ ମହଲରେ ଉ ଜନା ଲାଗି ରହିଛି । ସାରା ରାଜ୍ୟରେ ଏହି ଘଟଣା ଆଲୋଡ଼ନ ସୃଷ୍ଟି କରିଥିଲା ।

ମ ଶ୍ୱର ଥାନା ଭାଗବତ ସନ୍ଧାନରେ ପ୍ରଜ୍ଞାପାରମିତା ନାମକ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ପୋଲିସ୍ ଉଦ୍ଧାର କରିଥିଲା । ସୂଚନା ଅନୁସାରେ ଭାଗବତ ସନ୍ଧାନରେ ରହୁଥିବା ସତ୍ୟ ନାରାୟଣ ଓ ପ୍ରଜ୍ଞାପାରମିତା ଜଣେ ବନ୍ଧୁଙ୍କ ଘରେ ଭୋଜି କରୁଥିଲେ । ହସଖୁସିରେ ସମସ୍ତେ ଭୋଜି ଖାଇଥିଲେ । ଭୋଜି ଖାଇସାରିବା ପରେ ପ୍ରଜ୍ଞା ଘରକୁ ଫେରି ଆସିଥିଲେ କିନ୍ତୁ ସତ୍ୟନାରାୟଣ ଘରକୁ ଫେରିନଥିଲେ । ପରଦିନ ସକଳେ ସତ୍ୟନାରାୟଣ ଘରକୁ ଫେରି ଦେଖନ୍ତି ତ ପ୍ରଜ୍ଞା ବେକରେ ଶାଢ଼ୀ ଗୁଡ଼ାଇ ଫ୍ୟାନରେ ଝୁଲି ଆତ୍ମହତ୍ୟା କରିଥିଲେ । ପୋଲିସ୍ ପହ ୍ ମୃତଦେହ ଜବତ କରିଥିବା ବେଳେ କେଉଁ କାରଣ ପ୍ରଜ୍ଞା ଆତ୍ମହତ୍ୟା କଲେ ତାହା ସ୍ପଷ୍ଟ ଜଣାପଡ଼ିନଥିଲେ ମଧ୍ୟ ସ୍ୱାମୀଙ୍କ ପରକ୍ରିୟା ପ୍ରୀତିକୁ ନେଇ ପ୍ରଜ୍ଞ ଆତ୍ମହତ୍ୟା କରିଥିବା ତାଙ୍କ ପଡ଼ୋଶୀ ସନ୍ଦେହ କରିଥିଲେ ।

ସାମ୍ପ୍ରତିକ ସମୟରେ ଆତ୍ମହତ୍ୟା ଏକ ବଡ଼ ସମସ୍ୟା ଭାବେ ମୁଣ୍ଡ ଟେକିଛି । ଏଥିପାଇଁ ପରିବାରରେ ପିତାମାତା, ସମ୍ପର୍କୀୟଙ୍କ ଦାୟିତ୍ୱ ସେମାନଙ୍କ ପିଲାମାନଙ୍କ ସ୍ୱଭାବ, ଚଳିଚଳନ, ହାଭବାବ ଦେଖି ତାହାର କାରଣ ଖୋଜି ସମସ୍ୟାର ସମାଧାନ କରିବା, ଯୁବଗୋଷ୍ଠୀଙ୍କୁ ଆତ୍ମହତ୍ୟା ପ୍ରବଣରୁ ଦୂରେଇ ରହିବା ପାଇଁ ଏକ ସୁସ୍ଥ, ସୁନ୍ଦର ଓ ନରାପଦ ଜୀବନ ଜୀଇଁବା ପାଇଁ ସଚେତନତା ଆବଶ୍ୟକ । ଏଥିପାଇଁ ରାଜ୍ୟ ସରକାର ତଥା ସଚେତନ ନାଗରିକ, ସାମାଜିକ କର୍ମୀ ଓ ସ୍ୱେଚ୍ଛାସେବୀ ସଂଗଠନ ପଦକ୍ଷେପ ନେବା ଆବଶ୍ୟକ । ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ସଚେତନତା ମୂଳକ ପଦକ୍ଷେପ ଓ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପଥପ୍ରାନ୍ତ ନାଟକ ପ୍ରଦର୍ଶନ କରିଆରେ ଆତ୍ମହତ୍ୟାକୁ ରୋକାଯାଇ ପାରିବ ।

*କ⎕, ବାହାରଣା, ବାଲିକୁଦା,*
*ଜଗତସିଂହପୁର*

# ମୁଁ କିଏ ?


ଅନୀତା ପଟ୍ଟନାୟକ

ସେ ଗୀତ ଗୁଡ଼ିକ ପୁରୁଣା ହୋଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ମନରେ ଝଙ୍କୁରିତ ହୁଏ । ଯଥା ‘ଚକାଚକା ଭଉଁରୀ, ମାମୁଁ ଘର ଚଉଁରୀ’ । ‘ଆ ଜହ୍ନ ମାମୁଁ ଶରଗଶଷୀ’ ଇତ୍ୟାଦି । ଆଧୁନିକ ଯୁଗରେ ଏସବୁ ବିରଳ ହୋଇଗଲାଣି । ଘରେ ଆମେ ପିଲାଦିନେ ସାଙ୍ଗସାଥୀ ମାନଙ୍କ ସହ ମିଶି ଅନ୍ଧପୁଟୁଳି ଖେଳ ଖେଳୁଥିଲି । ମୁଁ ମୋର ସାଙ୍ଗ ମାନଙ୍କର ସ୍ପର୍ଶକୁ ସବୁ ବେଳେ ଜାଣି ପାରୁଥିଲି । ମୋର ଆଖି ଦୁଇଟି ବନ୍ଦରେ ମୋର ସାଙ୍ଗ ମାନଙ୍କ ମଧ୍ୟରୁ ଯିଏ ବି ପଚାରନ୍ତି ମୁଁ କିଏ ? ମୁଁ ତାର ସଠିକ ଉତ୍ତର ଦେଇପାରୁଥିଲି । ମୋର ସାଙ୍ଗସାଥୀମାନେ ସବୁବେଳେ ଆଶ୍ଚର୍ଯ୍ୟ ହୋଇଯାଉଥିଲେ । ଦିନେ ଆମର ଶିକ୍ଷକ ଶ୍ରେଣୀ ଗୃହରେ କହିଥିଲେ ଭଗବାନ ପ୍ରେମର ପ୍ରତୀକ । ଏହା କାହିଁକି ମୋର ମନକୁ ପସନ୍ଦ ହୋଇନଥିଲା । ମୋର ହୃଦୟ କନ୍ଦରରେ ସତେ ଯେପରି କିଏ ଜଣେ କୁହେ ‘ଭଗବାନ ହେଉଛନ୍ତି ପ୍ରେମ’ ଓ ସେ ପ୍ରେମର ପ୍ରତୀକ ନୁହଁନ୍ତି । ସବୁବେଳେ ପିଲାଦିନେ ଭାବେ ଭଗବାନଙ୍କ ସଂଜ୍ଞା କ’ଣ ? ଦିନ ଆମ ସାର କହିଲେ ‘ପିଲାମାନେ ଭଗବାନଙ୍କ ସଂଜ୍ଞା କଣ ଜାଣିଚ ? ଆମେ ସବୁ ନାହିଁ କରିବାରୁ ସେ କହିଲେ ‘ଯେ ସର୍ବଶକ୍ତିମାନ, ସର୍ବଜ୍ଞ ଓ ସର୍ବତ୍ର ବିଦ୍ୟମାନ ତାକୁ ହିଁ ଭଗବାନ କୁହାଯାଏ ।’ ମୋର ପିଲାଦିନର କୌତୁହଳ ଓ ଜିଜ୍ଞାସୁ ମନୋଭାବ ଏହି ସଂଜ୍ଞାକୁ ଗ୍ରହଣ କରିପାରିନଥିଲା । ମୋର ବିବେକ ସତେ ଯେପରି କୁହେ ଭଗବାନଙ୍କୁ କୌଣସି ସଂଜ୍ଞାଦ୍ୱାରା ମନୁଷ୍ୟ ସୀମିତ କରିପାରିବ ନାହିଁ । ଯେ ଅସୀମ, ଅନନ୍ତ ଓ ସଂଜ୍ଞାରୁ ଊର୍ଦ୍ଧ୍ୱ ତାଙ୍କୁ ଏପରି ଏକ ସଂଜ୍ଞା ମାଧ୍ୟମରେ ବାନ୍ଧି ରଖି ଶିକ୍ଷକମାନେ ବୋଧେ ତାଙ୍କର ସୀମିତ ଜ୍ଞାନର ପରିଚୟ ଦେଉଛନ୍ତି । ସେ ଅବର୍ଣ୍ଣନୀୟ ଅଚିନ୍ତ୍ୟନୀୟ । ଆମ ସଂସ୍କୃତ ଶିକ୍ଷକ ଦିନେ ଶ୍ରେଣୀ ଗୃହକୁ ଆସି କହିଲେ ‘ନିର୍ଦ୍ଦୋଷ ନିର୍ମଳ ନାଥ ସଦୋଷ ଚଞ୍ଚଳବଧୁ’ ଏହାକୁ ବୁଝାଇବାକୁ ଯାଇ ସାର କହିଥିଲେ ପ୍ରଭୁ ବା ସ୍ୱାମୀ ନିର୍ମଳ ବଧୁ ବା ସ୍ତ୍ରୀ ଚଞ୍ଚଳା ଓ ଦୋଷଯୁକ୍ତ । ଏପରି ପ୍ରଭୁ ଓ ବଧୁଙ୍କୁ ନେଇ ଆମର ଶରୀର ଗଠିତ । ଏପରି ସ୍ଥଳେ ଆମ ଶରୀରରେ ଶାନ୍ତି ଆସିବ କିପରି ? ଶିକ୍ଷକ ଆମକୁ ପ୍ରଶ୍ନ ପଚାରିଲେ ପ୍ରଭୁ ବଧୁଙ୍କ ପଦାଙ୍କ ଅନୁସରଣ କରିବା ଉଚିତ କି ବଧୁ ପ୍ରଭୁଙ୍କ ପଦାଙ୍କ ଅନୁସରଣ କରିବା ଉଚିତ । ଆମ୍ଭେମାନେ ଏହାର ଉତ୍ତର ଦେଇ ନପାରିବାରୁ ସେ ବୁଝାଇଥିଲେ ପ୍ରଭୁ ହେଉଛନ୍ତି ପବିତ୍ର ଓ ସ୍ଥିର ଆତ୍ମା, ମନ ହେଉଛି ବଧୁ ଯେକି ଚଞ୍ଚଳ ଓ ଯାହାର ସ୍ୱଭାବ ଏଣେ ତେଣେ ଦୌଡ଼ିବା ତେଣୁ ପ୍ରଭୁ ତା ପଛରେ ଧାଆଁନ୍ତି ନାହିଁ । ଏକଥାକୁ ଶୁଣି ସେ ଦିନ ମୁଁ ହୃଦୟଙ୍ଗମ କରିଥିଲି ଯେ ଚଞ୍ଚଳାବଧୁ ପଛରେ ଯେଉଁମାନେ ଦୌଡ଼ନ୍ତି ସେହି ବ୍ୟକ୍ତି ମାନଙ୍କୁ ମୋହଗ୍ରସ୍ତ ଓ ମାୟାଧୀନ କୁହାଯଏ । ଶ୍ରେଣୀକକ୍ଷରେ ସାର ଆଉ ଏକ ସୁନ୍ଦର ଉଦାହରଣ ମଧ୍ୟ ଦେଇଥିଲେ ଓ କହିଥିଲେ ଅର୍ଜ୍ଜୁନଙ୍କୁ ଶ୍ରୀକୃଷ୍ଣ ବିଶ୍ୱରୂପ ଦେଖାଇବା ପୂର୍ବରୁ ସେ ଦୁର୍ଯ୍ୟୋଧନଙ୍କୁ ବିଶ୍ୱରୂପ ଦେଖାଇଥିଲେ । ସେ ଏହାର ଅର୍ଥ ବୁଝି ନପାରି ଶ୍ରୀକୃଷ୍ଣଙ୍କୁ ତିରସ୍କାର କରିଥିବା ସମୟରେ ଅର୍ଜ୍ଜୁନ ସେହି ରୂପକୁ ବୁଝି ତାର ଉତ୍ତରରେ କହିଥିଲେ ‘କରିଷ୍ୟେ ବଚନତବ’ (ତୁମର ନିର୍ଦ୍ଦେଶକୁ ମୁଁ ଅକ୍ଷରେ ଅକ୍ଷରେ ପାଳନ କରିବି) । ମୋ ମନରେ ଶ୍ରେଣୀ ଗୃହର ସେ ଦିନର କଥା ଆଜି ପର୍ଯ୍ୟନ୍ତ ଝଙ୍କୁରିତ ହୁଏ । ସତରେ କଣ ଆମେ ସମସ୍ତେ ଦୁର୍ଯ୍ୟୋଧନ । ଜୀବନରେ ଅନେକ ମନ୍ଦିର, ସାଧୁସନ୍ଥଙ୍କ ସମ୍ପର୍କରେ ଆସିଥିଲେ ମଧ୍ୟ ଶେଷରେ ଦାରୁବ୍ରହ୍ମ ଜଗନ୍ନାଥଙ୍କୁ ଦର୍ଶନ କରି ତାଙ୍କର ମୂଳମନ୍ତ୍ରରେ ଦିକ୍ଷୀତ ହୋଇଥିଲେ ମଧ୍ୟ ତାଙ୍କର ବାଣୀ ଆମେ କାହିଁକି ଅନୁସରଣ କରିପାରୁନାହୁଁ । ଆମେ କଣ ବଧୁ ଚଞ୍ଚଳା, ଆମେ କଣ ମୋହଗ୍ରସ୍ତ ଓ ମାୟାଧୀନ । ସେ ଅବର୍ଣ୍ଣନୀୟ, ଅଚିନ୍ତ୍ୟନୀୟଙ୍କୁ କଣ ବୁଝି ହୁଏନାହିଁ । ସେ ଦିନ ଥାଏ ମୋର ଜନ୍ମଦିନ । ଏକା ଏକା ଜଗନ୍ନାଥଙ୍କ ମନ୍ଦିରକୁ ଦୀପ ବସାଇବାକୁ ଗଲି । ଭଗବାନଙ୍କ କୃପାରୁ ସେ ଦିନ ଥାଏ ସାହାଣମେଲା । ଅନେକ ଲୋକ ମନ୍ଦିର ଭିତରକୁ ପ୍ରବେଶ କରୁଥାନ୍ତି । ଜନସ୍ରୋତରେ ଭାସି ଗଲାପରି ମହିଳାମାନଙ୍କ ମଧ୍ୟରେ ମୋର ଗୋଡ଼ତଳକୁ ଲାଗୁନଥିଲେ ମଧ୍ୟ ମୁଁ କିପରି ଗରୁଡ଼ସ୍ତମ୍ଭ ପାଖରେ ପହଞ୍ଚିଲି ମୁଁ ନିଜେ ବି ଜାଣେନି ସେହି ସ୍ରୋତରେ ମୁଁ କାଷ୍ଠ ନିର୍ମିତ ଅର୍ଦ୍ଧଳି ନିକଟରେ ପହଞ୍ଚିଗଲି । ଯୋଡ଼ହସ୍ତରେ ଆଖି ବନ୍ଦ କରି ଭାବିବାକୁ ଲାଗିଲି ଭଗବାନ ପ୍ରକୃତରେ ତୁମେ ସତରେ ମହାନ । ତୁମେ ସର୍ବତ୍ର ବିଦ୍ୟମାନ ତୁମର କଥା, କର୍ମ, ଚିନ୍ତା ଏକ । ତୁମେ ମୋ ଭିତରେ, ବାହାରେ ସର୍ବତ୍ର ବିଦ୍ୟମାନ । ମାଛ ଜଳବିନା ବଞ୍ଚିପାରେ ନାହିଁ, ଜଳ କିନ୍ତୁ ମାଛବିନା ତିଷ୍ଠିପାରେ । ସେହିପରି ତୁମବିନା ମୋର ସ୍ଥିତି ନାହିଁ କିନ୍ତୁ ମୋ ବିନା ତୁମର ସ୍ଥିତି ଅଛି ଓ ରହିବ ମଧ୍ୟ । ଏହିପରି ମୋର କୃତଜ୍ଞତା ଜଣାଉଥିବା ସମୟରେ ମୁଁ ଅନୁଭବ କଲି ମୋର ଆଖି ଦୁଇଟିକୁ କେହି ଜଣେ ତାର ହାତ ପାପୁଲି ମାଧ୍ୟମରେ ଚାପିଧରି ପଚାରୁଛି କହିଲୁ ଦେଖି ମୁଁ କିଏ ? ମୁଁ ସଙ୍ଗେ ସଙ୍ଗେ ପ୍ରକୃସ୍ଥିତ ହେଲି ଭାବିଲି ଏ କଣ ? ମୋ ସହିତ ପିଲାଦିନର ଅନ୍ଧପୁଟୁଳି ଖେଳ କିଏ ଖେଳୁଛି ? କିଏ ମୋର ସେ ପିଲାଦିନର ବନ୍ଧୁ, ଯେ ମୋର ଆଖିକୁ ଚାପି ଧରିଛି । ଅଗୁରୁ ଚନ୍ଦନର ସୁଗନ୍ଧ ସେ ପାପୁଲିରୁ ନିର୍ଗତ ହେଉଥିଲା । କି ସୁନ୍ଦର ଓ କୋମଳ ସେ ସ୍ପର୍ଶ ସତେ ! ଆଖି ଖୋଲି ଦେଲି ଦେଖିଲି ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦାରୁବ୍ରହ୍ମଙ୍କୁ । ପାଖରେ ମୋର କୌଣସି ବନ୍ଧୁ ନଥିଲେ । କଣ ବା ମୁଁ ଉତ୍ତର ଦେଇପାରିଥାନ୍ତି ଯଦିଓ ମୁଁ ଏକ କୋମଳ ସ୍ୱର ଶୁଣିଥିଲି ଯେ ମୁଁ କିଏ ? ପିଲାଦିନେ ଅନ୍ଧପୁଟୁଳି ଖେଳବେଳେ ମତେ ସ୍ପର୍ଶ କଲେ ମୁଁ ତତ୍‌କ୍ଷଣାତ ତାର ଉତ୍ତର ଦେଇ ପାରୁଥିଲି ଆଜି କାହିଁକି ସ୍ୱତଃ ମୋ ମୁଖରୁ ବାହାରିଲା ନାହିଁ । ତୁମେ ସିଏ । ହେ ଜଗନ୍ନାଥ । ଭୁଲ କରିଥିଲେ ମତେ କ୍ଷମା କରିଦେବ ।

*ଅବସରପ୍ରାପ୍ତ ପ୍ରଧାପିକା, ସେକ୍ଟର-୧୦,*
*ସିଡିଏ, କଟକ,*
*ଦୂରଭାଷ : ୯୬୯୨୯୮୦୦୨୬*

# କ୍ୟାନସରରୁ ଆରୋଗ୍ୟ ହୋଇପାରିବେ ପିଲା


ପ୍ରଫେସର ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ

ଜନ୍ମରୁ ଚଉଦ ବର୍ଷ ପର୍ଯ୍ୟନ୍ତ ପିଲାଙ୍କ ଠାରେ କ୍ୟାନସରର ଆଶଙ୍କା ଦିନକୁ ଦିନ ବଢୁଛି । ସେହିକ୍ରମରେ ଡାକ୍ତରୀ ବିଜ୍ଞାନ ମଧ୍ୟ ବୃଦ୍ଧି ପାଉଛି । ନିକଟରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏକ ତଥ୍ୟଭିତ୍ତିକ ରିପୋର୍ଟ ପ୍ରକାଶ ପାଇଛି ଯେଉଁଥିରେ ସୂଚିତ ହୋଇଛି ଯେ ପ୍ରତି ବର୍ଷ ବିଶ୍ୱରେ ୧ଲକ୍ଷ ୫୦ ହଜାର କ୍ୟାନସର ପୀଡ଼ିତ ପିଲାଙ୍କ ଚିହ୍ନଟ ହୋଇଛି । ସେଥିମଧ୍ୟରୁ ୮୦ ପ୍ରତିଶତ ପିଲା ଚିକିତ୍ସା ଦ୍ୱାରା ସୁସ୍ଥ ଜୀବନଯାପନ କରିପାରୁଛନ୍ତି । ତେବେ ଆର୍ଥିକ ଅନଗ୍ରସର ପିଲା ଉପଯୁକ୍ତ ଚିକିତ୍ସାରୁ ବଞ୍ଚିତ ହୁଅନ୍ତି ଯାହାଦ୍ୱାରା ପାଖାପାଖି ୯୦ ପ୍ରତିଶତରୁ ଅଧିକ ପିଲା ମୃତ୍ୟୁମୁଖରେ ପଡ଼ନ୍ତି । ଭାରତରେ ପ୍ରତିବର୍ଷ ୫୦ ହଜାର ନୂଆ କ୍ୟାନସର ଶିଶୁରୋଗୀ ଚିହ୍ନଟ ହେଉଛନ୍ତି । ଏମାନେ ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସା ହୋଇଥାନ୍ତି । ବିଶ୍ୱ ସ୍ୱାସ୍ଥ୍ୟସଂଗଠନ ପ୍ରତ୍ୟେକ କ୍ୟାନସର ପୀଡ଼ିତ ଶିଶୁ ଓ ବୟସ୍କଙ୍କୁ ସର୍ବୋତ୍ତମ ଓ ଆବଶ୍ୟକୀୟ ଚିକିତ୍ସା ଯୋଗାଇ ଦେବାପାଇଁ କାର୍ଯ୍ୟକ୍ରମ ହାତକୁ ନେଇଛି । କ୍ୟାନସର ଚିକିତ୍ସା ଓ ସଚେତନତା ବୃଦ୍ଧି ପାଇଁ ପ୍ରତିବର୍ଷ ୧୫ ଫେବୃଆରୀ ତାରିଖରେ ପିଲାଙ୍କ ପାଇଁ ଆନ୍ତର୍ଜାତିକ ଚାଇଲ୍ଡ ହୁଡ୍ କ୍ୟାନସର ଦିବସ ପାଳିତ ହେଉଛି । ବିଶ୍ୱ ସ୍ୱାସ୍ଥ୍ୟସଂଗଠନ ସହ କେତେକ ସାମାଜିକ ଓ ସେବାଭିମୁଖୀ ସଂଗଠନର ମିଳିତ ସହଯୋଗରେ ଲୋକଙ୍କ ମଧ୍ୟରେ ସଚେତନତା ବଢ଼ାଇବା, ଉତ୍ତମ ଚିକିତ୍ସା ଯୋଗାଇବା ଓ ପିଲାଙ୍କ ସହିତ ତାଙ୍କ ପରିବାରକୁ ଏ କ୍ଷେତ୍ରରେ ସହଯୋଗର ହାତ ବଢ଼ାଇବାର କାର୍ଯ୍ୟକ୍ରମର ସାମିଲ ହୋଇଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରିପୋର୍ଟ ମୁତାବକ ବର୍ଷକୁ ବର୍ଷ ପିଲାଙ୍କ ଠାରେ କ୍ୟାନସରର ସମସ୍ୟା ବଢ଼ିବାରେ ଲାଗିଛି । ଯାହାପାଇଁ ସଚେତନତା ନିହାତି ଜରୁରୀ । ପ୍ରାଥମିକ ଚିକିତ୍ସାରୁ ପିଲାଟି ସମ୍ପୂର୍ଣ୍ଣ ଭାବେ ସୁସ୍ଥ ହୋଇ ଅନ୍ୟ ମାନଙ୍କପରି ସାଧାରଣ ଜୀବନ ଯାପନ କରିପାରିବ । ସାଧାରଣରେ ପିଲାଙ୍କ ଠାରେ ଦେଖା ଦେଉଥିବା କ୍ୟାନସର ଗୁଡ଼ିକ ଭିତରେ ଯେଉଁ ପ୍ରକାର ଭେଦ ରହିଛି ତାହା ଆସନ୍ତୁ ଜାଣିବା । ଅଧିକ ଭାବରେ ପିଲା ବ୍ଲଡ଼ କ୍ୟାନସରରେ ଶିକାର ହୋଇଥାନ୍ତି ଯାହାକି ହ୍ୱାଇଟ ରକ୍ତଶ୍ୱେତକୁ ପ୍ରଭାବିତ କରିବା ସହ ଶରୀରର ବିଭିନ୍ନ ସୁସ୍ଥ କୋଷକୁ ଆକ୍ରାନ୍ତ କରିଥାଏ । ଅନ୍ୟ କୌଣସି ବଡ଼ ରୋଗ ହୋଇଥିବା ସମୟରେ ସଂକ୍ରମଣ ହେଲେ ଏହା ରୋକ ପ୍ରତିରୋଧକ ଶକ୍ତି ଦୁର୍ବଳ ହେବାରୁ ଏହି କ୍ୟାନସର ହୋଇଥାଏ । ଏହାକୁ ଆକ୍ୟୁଟ ଲ୍ୟୁକେମିଆ ବା ବ୍ଲଡକ୍ୟାନସର କୁହାଯାଏ । ସେହିପରି ଦ୍ୱିତୀୟଟି ହେଉଛି ବ୍ରେନ୍ ଟ୍ୟୁମର । ଏହାଦ୍ୱାରା କ୍ୟାନସର ଜୀବାଣୁ ଅଧିକ ଭାବରେ ସକ୍ରିୟ ହୋଇ ସନ୍ନିକଟ କୋଷକୁ ପ୍ରଭାବିତ କରି ପିଲାଟିର ଜୀବନ ପ୍ରତି ସଂକଟ ସୃଷ୍ଟି କରିଥାଏ । ବୟସ୍କଙ୍କ ତୁଳନାରେ ଅଧିକ ଦେଖାଦେଉଥିବା କ୍ୟାନସର ହେଉଛି କିଡ଼ନୀ କ୍ୟାନସର । ତେବେ ଏହା ଖୁବ୍ କମ୍ ଭାବରେ ଦେଖାଯାଏ । ସେହିପରି ଛୋଟ ପିଲା ବା ପାଞ୍ଚ ବର୍ଷ ପର୍ଯ୍ୟନ୍ତ ପିଲାର ବୟସରେ ଦେଖାଯାଉଥିବା ଆଖିର ଟ୍ୟୁମର ଦ୍ୱାରା ଆଇ ଟ୍ୟୁମର କ୍ୟାନସର ଦେଖାଯାଏ । ଏହା ସହଜରେ ଚିକିତ୍ସା ହୋଇପାରେ । ତେବେ ସଠିକ ସମୟରେ ଚିକିତ୍ସା ନହୋଇପାରିଲେ ପିଲାଟିର ଅନ୍ୟ ସୁସ୍ଥ ଅଙ୍ଗକୁ ବ୍ୟାପି ଯାଏ ।

ପିଲାଟି କୌଣସି ରୋଗରେ ଦୀର୍ଘଦିନ ଧରି ଆକ୍ରାନ୍ତ ହେଲେ ସେ ତାର ରୋଗ ପ୍ରତିରୋଧକ ଶକ୍ତିକୁ ହରାଇଥାଏ । ଯାହାଦ୍ୱାରା ସଂକ୍ରମଣ ହୋଇ ବ୍ଲଡ଼ କ୍ୟାନସରର ଶିକାର ହୋଇଥାଏ । ସେହିପରି ପିଲାଟି କୌଣସି ରୋଗରେ ଅଧିକ ରାଡିଏସନ୍ ନେଇଥିଲେ ଏହି ରୋଗର ଆଶଙ୍କା ଦେଖାଯାଏ । ଏହାବ୍ୟତୀତ ଜେନେଟିକ୍ ମଧ୍ୟ ଅନ୍ୟ ଏକ କାରଣ । ଜନ୍ମ ସମୟରୁ ପିଲାଟି ମା’ଜିନ୍‌ରୁ ଏହି ଜୀବାଣୁ ତା ଦେହରେ ଦେଖାଯାଏ । ପିଲାମାନଙ୍କର କ୍ୟାନସରର ପ୍ରାଥମିକ ଲକ୍ଷଣ ହେଉଛି ପିଲାଟି କୌଣସି କାରଣ ନଥାଇ ମଧ୍ୟ ଦୁଇ ସପ୍ତାହରୁ ଅଧିକ ଦିନ ଅସୁସ୍ଥ ରହିବା । ଶରୀରର କୌଣସି ଅଙ୍ଗରେ ଆବୁପରି ଦେଖାଯିବା । ତାର ଆଖି ଡୋଳାରେ ଧଳା ଚିହ୍ନ ମାଡିଯିବା ଓ ଅସୁସ୍ଥତା ବା ଥକ୍କା ଅନୁଭବ କରିବା । ପିଲାଟିକୁ ଜ୍ୱର ଲାଗିରହିବା ଓ ଉଦ୍‌ବେଗଜନକ ଭାବେ ଓଜନ କମିଯିବା ।

ପିଲାମାନଙ୍କୁ କ୍ୟାନସର ସମୟରେ ବିଭିନ୍ନ ପ୍ରକାର ଚିକିତ୍ସା କରାଯାଏ । ସେଥିମଧ୍ୟରୁ ଗୋଟିଏ ହେଉଛି କେମୋ ଥେରାପି । ପିଲାଟିକୁ କେମୋ ଥେରାପିରେ ଆଣ୍ଟିକ୍ୟାନସର ଡ୍ରଗ୍ସ ଦିଆଯାଏ । ଯାହାକି ମାରାତ୍ମକ କ୍ୟାନସର କୋଷକୁ ନଷ୍ଟ କରେ । ମେରୁଦଣ୍ଡରେ କିମ୍ବା ସ୍ନାୟୁରେ ଏହି ଡ୍ରଗ୍ସ ଦିଆଯାଏ । କେତେକ କ୍ଷେତ୍ରରେ ପିଲାଟିର ପାଟିରେ ଏହା ଦିଆଯାଏ । ଏହା ସଠିକ ଭାବେ କାର୍ଯ୍ୟକଲେ ପିଲାଟି ରୋଗମୁକ୍ତର ସମ୍ଭାବନା ରହିଥାଏ । ଏହାର ପାର୍ଶ୍ୱପ୍ରତିକ୍ରିୟାରେ କେତେକ କ୍ଷେତ୍ରରେ ପିଲାର ଚୁଟି ଉପୁଡିଯିବା ସହ ଯନ୍ତ୍ରଣା ପାଇଥାଏ । ବେଳେ ବେଳେ ତାହାର ଖପୁରୀ ସମ୍ବେଦନଶୀଳର ଶିକାର ହୋଇଥାଏ, ରକ୍ତହୀନତା ସହ ରକ୍ତ ଜମାଟ ବାନ୍ଧିଯାଏ ଓ ପରିସ୍ରାନଳୀ ମଧ୍ୟ ତାର ସଂକ୍ରମଣ ଶିକାର ପରି ସମସ୍ୟା ସମ୍ମୁଖୀନ ହୋଇଥାଏ । ତେବେ ଏହା ସମସ୍ତଙ୍କ କ୍ଷେତ୍ରରେ ଦେଖାଯାଇନଥାଏ । ଆଉ ଗୋଟିଏ ଚିକିତ୍ସା ପଦ୍ଧତି ହେଉଛି ରାଡ଼ିଏସନ୍ ଏକ୍ସରେ ମାଧ୍ୟମରେ ଚାପ ଦ୍ୱାରା ପିଲାଟିର ଟ୍ୟୁମରକୁ ଛୋଟ କରି ନଷ୍ଟ କରି ଦିଆଯାଇଥାଏ । ଏହା କେମୋ ଥେରାପି ଓ ଅସ୍ତ୍ରୋପଚାର ପୂର୍ବରୁ ଦିଆଯାଇଥାଏ । ରାଡ଼ିଏସନ୍ ଓ କେମୋ ଥେରାପି ଦ୍ୱାରା ପିଲାଟିର ସୁସ୍ଥ କୋଷ ଉପରେ କୌଣସି ପ୍ରଭାବ ପଡ଼ିନଥାଏ ଏହା କେବଳ କ୍ୟାନସର କୋଷକୁ ନଷ୍ଟ କରେ । ଏହାର ପାର୍ଶ୍ୱପ୍ରତିକ୍ରିୟାର ପ୍ରଭାବ କେମୋଥେରାପି ଠାରୁ ବହୁତ କମ୍ ହେଲେ ଏହା ପିଲାର ଫୁସ୍‌ଫୁସ୍‌କୁ ସାମାନ୍ୟ ଭାବେ ଦୁର୍ବଳ କରେ । ସେହିପରି କେତେକ କ୍ଷେତ୍ରରେ ଅସ୍ତ୍ରପଚାର ଦ୍ୱାରା ପିଲାମାନଙ୍କର କ୍ୟାନସର ଚିକିତ୍ସା କରାଯାଏ । ପିଲାମାନଙ୍କ ଠାରେ ରକ୍ତକର୍କଟ ପ୍ରାୟତଃ ଦେଖାଯାଏ । ଏହା ବ୍ୟତୀତ ମସ୍ତିଷ୍କ କର୍କଟ, ଲିମ୍ଫୋମା, ବୃକକ୍‌ର କର୍କଟ, ରେଟିନୋବ୍ଲାଷ୍ଟୋମା ଓ ନ୍ୟୁରୋବ୍ଲାଷ୍ଟୋମା ମଧ୍ୟ ଶିଶୁମାନଙ୍କର ଅନ୍ୟତମ ପ୍ରମୁଖ କର୍କଟ ରୋଗ । ହେଲେ ଏସବୁ ଗୁଡ଼ିକ ଚିକିତ୍ସା ଦ୍ୱାରା ଆରୋଗ୍ୟର ସମ୍ଭାବନା ରହିଥାଏ । ସଠିକ୍ ସମୟରେ ଶିଶୁ ଠାରେ କର୍କଟ ଚିହ୍ନଟ ହେଲେ ଏହା ଚିକିତ୍ସା ଦ୍ୱାରା ଆରୋଗ୍ୟର ସମ୍ଭାବନା ରହିଥାଏ । ପିଲାମାନଙ୍କ ଠାରେ କ୍ୟାନସର କୋଷ ଅଧିକ ସକ୍ରିୟ ରହିଥାଏ । ହେଲେ ପ୍ରାଥମିକ ଓ ଉପଯୁକ୍ତ ଭାବେ ଚିକିତ୍ସା କରାଗଲେ ପିଲାଟି ଶୀଘ୍ର ରୋଗମୁକ୍ତ ହୋଇଥାଏ । ବଡ଼ମାନଙ୍କ କ୍ଷେତ୍ରରେ କ୍ରୋନିକ୍ ଲ୍ୟୁକିମିଆ ବା ଆସ୍ତେ ଆସ୍ତେ ପ୍ରଭାବ ଦେଖାଯାଉଥିବା ବ୍ଲଡ କ୍ୟାନସର ହେଉଥିବାବେଳେ ପିଲାମାନଙ୍କ ଠାରେ ଏକ୍ୟୁଟ୍ ଲ୍ୟୁକିମିଆ ବା ଅଧିକ ଗତିରେ ପ୍ରଭାବ ବିସ୍ତାର କରୁଥିବା ବ୍ଲଡ଼ କ୍ୟାନସର ହୋଇଥାଏ । ପିଲାମାନଙ୍କର ବ୍ଲଡ଼ କ୍ୟାନସରର ସମ୍ପୂର୍ଣ୍ଣ ଓ ସଫଳ ଚିକିତ୍ସା ପାଇଁ ପାଖାପାଖି ତିନିବର୍ଷ ଲାଗୁଥିବାବେଳେ ପିଲାଟି ଚିକିତ୍ସା ପରେ ବର୍ଷେ ପାଖାପାଖି ଚିକିତ୍ସକଙ୍କ ତତ୍ତ୍ୱାବଧାନରେ ରହିବାକୁ ପଡ଼ିଥାଏ । ବୟସ୍କଙ୍କ ତୁଳନାରେ ପିଲାମାନଙ୍କ କ୍ୟାନସର ଚିକିତ୍ସାରେ କମ୍ ଖର୍ଚ୍ଚ ପଡ଼ିଥାଏ । ଚିକିତ୍ସା ବେଳେ ଯେପରି ପିଲାଟି ପାର୍ଶ୍ୱପ୍ରତିକ୍ରିୟାର ଶିକାର ନହୁଏ ସେ କ୍ଷେତ୍ରରେ ସତର୍କତା ଜରୁରୀ । ଚିକିତ୍ସା ପରେ ପିଲାଟି ନିଶ୍ଚିନ୍ତ ସାଧାରଣ ଜୀବନଯାପନ କରିଥାଏ । ହେଲେ ସୁସ୍ଥ ହେବାପରେ ଚିକିତ୍ସକଙ୍କ ନିୟମିତ ଓ ଯୋଜନାବଦ୍ଧ ପରାମର୍ଶ ଆବଶ୍ୟକୀୟ । କେତେକ କ୍ଷେତ୍ରରେ ପିଲାଟି ମା’ବାପା କିମ୍ବା ଜିନ୍‌ଗତ ସମସ୍ୟା ପାଇଁ ଏହାର ଶିକାର ହୋଇଥାଏ । ମନେରଖନ୍ତୁ ଭଗବାନଙ୍କ ସୃଷ୍ଟିରେ ପିଲାଟି ଜଣେ ଅମୃତ ଓ ଆଗାମୀ ଭବିଷ୍ୟତର ସ୍ୱର୍ଣ୍ଣିମ ସୃଷ୍ଟି । ସେଥିପାଇଁ ପିଲାଙ୍କୁ ଦେବଶିଶୁ କୁହାଯାଏ । ଭାରତୀୟ ଆଧ୍ୟାତ୍ମିକ ବିଶ୍ୱାସ ରହେ ଯେ, ଭଗବାନଙ୍କର କଲ୍ୟାଣ ପିଲାମାନଙ୍କ ଠାରେ ସର୍ବଦା ରହିଥାଏ । କ୍ୟାନସର କଥା ଶୁଣିବା ମାତ୍ରେ ପିଲାଟିର ବାପାମା ବା ଅଭିଭାବକମାନେ ଅତ୍ୟଧିକ ଭୟଭୀତ ହୋଇଯାଆନ୍ତି ଯାହାଦ୍ୱାରା ପିଲାଟି ମଧ୍ୟ ମାନସିକ ଭାବରେ ଗୁରୁତର ଅଧୈର୍ଯ୍ୟତାର ଶିକାର ହୋଇଥାଏ । ଏ କ୍ଷେତ୍ରରେ ଭଗବାନଙ୍କ ଉପରେ ବିଶ୍ୱାସ ରଖି ତଥା ଚିକିତ୍ସକଙ୍କ ପରାମର୍ଶ ଓ ତତ୍ତ୍ୱାବଧାନକୁ ପାଥେୟ କରି ଭାଙ୍ଗି ପଡ଼ନ୍ତୁନାହିଁ । ପ୍ରାଥମିକ ସମୟରୁ ଚିକିତ୍ସା ଜାରି ରଖନ୍ତୁ । ମନେରଖନ୍ତୁ ସରକାର ଏ କ୍ଷେତ୍ରରେ ପର୍ଯ୍ୟାପ୍ତ ଓ ଯଥାର୍ଥ ଚିକିତ୍ସା ବ୍ୟବସ୍ଥାର ଗୁରୁତ୍ୱ ପ୍ରଦାନ କରି ପିଲାମାନଙ୍କ ଠାରୁ କ୍ୟାନସରକୁ ରୋଗମୁକ୍ତ କରିବାପାଇଁ ବିଭିନ୍ନ ଯୋଜନା ହାତକୁ ନେଉଛନ୍ତି । ସରକାରୀ ସୁବିଧାର ସୁଯୋଗ ନିଅନ୍ତୁ, ଧୈର୍ଯ୍ୟହରା ନହୋଇ ପ୍ରାଥମିକ ଅବସ୍ଥାରୁ ଦୃଢ଼ ମାନସିକତାର ସହ ପରିସ୍ଥିତିକୁ ସମ୍ମୁଖୀନ ହୋଇ ପିଲାଟିକୁ ହିଁ ବିଶ୍ୱାସ ଓ ଭରଷା ଦିଅନ୍ତୁ । ଦେଖିବେ ଆପଣଙ୍କ ପିଲାଟି ରୋଗମୁକ୍ତ ହୋଇ କ୍ୟାନସର ବିଜୟୀ ହେବାସହ ନୂଆ ଜୀବନଯାପନ କରିପାରିବ ।

*ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ,*
*ଫକୀରମୋହନ ମେଡ଼ିକାଲ କଲେଜ,*
*ବାଲେଶ୍ୱର, ଦୂରଭାଷ : ୯୪୩୭୧୨୪୦୭୪*




# ରମଣ ପ୍ରଭାବ



**ଭା**ରତରେ ୨୮ ଫେବୃୟାରୀ ଦିବସଟିକୁ ଜାତୀୟ ବିଜ୍ଞାନ ଦିବସ ରୂପେ ପାଳିତ ହୁଏ। ଏହା ଭାରତର ତଥା ବିଶ୍ୱବିଖ୍ୟାତ ବୈଜ୍ଞାନିକ ଡା. ଚନ୍ଦ୍ରଶେଖର ଭେଙ୍କଟରମଣଙ୍କ ସ୍ମୃତିଚାରଣ ଦିବସରୂପେ ସାଧାରଣତଃ ପାଳିତ ହୋଇ ଆସୁଛି। ଏହା ତାଙ୍କ ଉତ୍ସର୍ଗୀକୃତ ଜୀବନ ପାଇଁ ଏକ ସମର୍ପିତ ଦିବସ। ସମଗ୍ର ଦେଶର ବିଦ୍ୟାଳୟ, ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ, ଶୈକ୍ଷିକ ଅନୁଷ୍ଠାନ ତଥା ବୈଜ୍ଞାନିକ ଗବେଷଣା ଓ ତାଲିମ ଅନୁଷ୍ଠାନର ଛାତ୍ରଛାତ୍ରୀ, ଅଧ୍ୟାପକ-ଅଧ୍ୟାପିକା ଏବଂ ଗବେଷକ-ଗବେଷିକାମାନଙ୍କ ଦ୍ୱାରା ସମ୍ମାନର ସହିତ ଏହା ପାଳନ କରାଯାଏ। ଏନେଇ ନାନା ଆଲୋଚନା, ଭାଷଣ ଏବଂ ପ୍ରତିଯୋଗୀତାମାନ ଅନୁଷ୍ଠିତ ହୁଏ। ସଂବାଦପତ୍ର ବା ଗଣମାଧ୍ୟମରେ ତାଙ୍କ କୃତିତ୍ୱ ପାଇଁ ନାନା ଲେଖା ଏବଂ ଆଲୋଚନାମାନ ହୁଏ। ଡା. ଭେଙ୍କଟରମଣ ତାମିଲନାଡୁର ଆୟନ ପେଟାରେ ଜନ୍ମ ଲାଭ କରିଥିଲେ। ଶିକ୍ଷା ସମାପ୍ତିପରେ ତାଙ୍କର ଅଧ୍ୟାପନା ଏବଂ ବୈଜ୍ଞାନିକ ଜୀବନ ଆରମ୍ଭ ହୋଇଥିଲା। ସେ ୧୯୨୮ ଫେବୃୟାରୀ ୨୮ରେ ତାଙ୍କର ଗବେଷଣାତ୍ମକ ସନ୍ଦର୍ଭ 'ରମଣ ପ୍ରଭାବ' ଉପସ୍ଥାପନା କରିଥିଲେ ଯାହାକି ବିଶ୍ୱବାସୀଙ୍କ ଚମତ୍କୃତ ବା ହତ୍‌ଚମକ ସୃଷ୍ଟି କରାଇଥିଲା। ଚନ୍ଦ୍ରଶେଖର ଭେଙ୍କଟରମଣଙ୍କର ନାଁର ଶେଷ ଶବ୍ଦ ବା ସାଙ୍ଗିଆକୁ ନେଇ ଏ ସନ୍ଦର୍ଭର ନାମ ରଖାଯାଇଥିଲା 'ରମଣ ପ୍ରଭାବ'। ଏଥିପାଇଁ ରମଣଙ୍କୁ ୧୯୩୦ରେ ନୋବେଲ ପୁରସ୍କାର ମିଳିଥିଲା। ଭାରତ ତରଫରୁ ତାଙ୍କୁ ୧୯୫୪ରେ ବିଜ୍ଞାନରେ ପ୍ରଥମ 'ଭାରତରତ୍ନ' ଉପାଧି ବା ସମ୍ମାନରେ ମୁକୁଟ ମଣ୍ଡିତ କରାଯାଇଥିଲା। ଏଠାରେ ସୂଚନା ଯୋଗ୍ୟ ଯେ, ୧୯୫୪ ମସିହାରେ ହିଁ ପ୍ରଥମ କରି ଭାରତର ତିନିଜଣ ବିଶିଷ୍ଟ ବ୍ୟକ୍ତି ଯଥା ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍, ସି. ଭି. ରମଣ ଏବଂ ଚକ୍ରବର୍ତ୍ତୀ ରାଜଗୋପାଲଚାରୀଙ୍କୁ ଭାରତ ରତ୍ନ ଉପାଧି ଦିଆଯାଇଥିଲା। ଖାଲି ସେତିକି ନୁହେଁ 'ରୁଷିଆ ତରଫରୁ ତାଙ୍କ ଦେଶର ସର୍ବଶ୍ରେଷ୍ଠ 'ଶାନ୍ତି' ପୁରସ୍କାର ତାଙ୍କୁ ପ୍ରଦାନ କରାଯାଇଥିଲା। ଆଉ ଅନ୍ୟାନ୍ୟ ପୁରସ୍କାର କଥା କହିବା କ'ଣ? ତାଙ୍କୁ ନେଇ ଭାରତ ଗର୍ବିତ। ବିଶ୍ୱଦରବାରରେ ମଥୋନ୍ନତ। ଦୁଃଖ ଯେ ଆମେ ତାଙ୍କୁ ୧୯୭୦ ମସିହା ନଭେମ୍ବର ୨୧ ତାରିଖରେ ହରାଇ ବସିଲୁ।

'ରମଣ ପ୍ରଭାବ' କ'ଣ? ଏମିତିରେ ଏହାକୁ ବୁଝାଇ ନକହି ଏତିକି କହିଲେ ଯଥେଷ୍ଟ ହେବ ଯେ ଏହା ଏପରି ଏକ ଆଲୋକ ଭିତ୍ତିକ ବୈଜ୍ଞାନିକ ଉଦ୍ଭାବନ ଯାହାର ପ୍ରୟୋଗ ବହୁମୁଖୀ ଭାବେ ଯଥା ମହାକାଶବିଜ୍ଞାନ, ଜୈବବିଜ୍ଞାନ, ଜୈବ ପ୍ରଯୁକ୍ତି ବିଦ୍ୟା, ଭୌତିକ ବିଦ୍ୟା ଏବଂ ମଲିକୁଲାର ଜେନେଟିକସ୍ ଇତ୍ୟାଦି କ୍ଷେତ୍ରରେ ପ୍ରୟୋଗ ହୋଇ କଳ୍ପନାତୀତ ଉନ୍ନତି ଓ ପ୍ରଗତି ସୃଷ୍ଟି କରିପାରିଛି। ଏକଥା ଜାଣିବା ଉଚିତ୍ ଯେ ପ୍ରତ୍ୟେକ ବିଦ୍ୟାର ଶାନ୍ତିପ୍ରିୟ ବିନିଯୋଗ ସହିତ ଧ୍ୱଂସକାରୀ ଶକ୍ତି ଅଛି। ଡକ୍ଟର ରମଣଙ୍କର ଏହି ରମଣ ପ୍ରଭାବକୁ ଏବେ କେତେକ ଖଳଲୋକ, ବୈଜ୍ଞାନିକ ବି ହୋଇପାରନ୍ତି, ଖଳ ଦେଶ ତଥା ରାଜନେତା ଏହାକୁ ସ୍ୱାର୍ଥ ସାଧନ ନିମନ୍ତେ ଧ୍ୱଂସକାରୀ ଶକ୍ତିରୂପେ ବ୍ୟବହାର ପାଇଁ ଅଣ୍ଟା ଭିଡ଼ିଲେଣି। ଏକଥା ଯଦି ହୁଏ, ଆମେ ଏ ମଣିଷ ଜାତି ମୃତ୍ୟୁ ଆଡ଼କୁ ଖୁବ୍ ଜୋରରେ ଦୌଡୁଛୁ ବୋଲି କହିବା। ପରମାଣୁ ବୋମାର ଉଦ୍ଭାବକ ଏଇନ୍‌ଷ୍ଟାଇନ ଯେତେବେଳେ ଜାପାନର ହିରୋସିମା ଓ ନାଗାସାକିର ଏହା ପ୍ରୟୋଗର ପରିଣତି ଦେଖିଲେ, ଦୁଃଖର ସହିତ କହିଲେ : ଯଦି ତୃତୀୟ ବିଶ୍ୱଯୁଦ୍ଧ ହୁଏ, ପୃଥିବୀରୁ ମାନବ ସଭ୍ୟତା ଲୋପ ପାଇଯିବ। ଏଣୁ ଆସନ୍ତୁ, ରମଣ ପ୍ରଭାବର ଶାନ୍ତିପୂର୍ଣ୍ଣ ବିନିଯୋଗ କରିବା ଏବଂ ରମଣଙ୍କ ପରି କିଛି କରି ଦେଖାଇଦେବା। କିଛି ନକରି ଖାଲି ସ୍ମୃତି ଚାରଣ କରିବାରେ କିଛି ମାନେ ନଥାଏ।

# ମହାଶକ୍ତି 'ଶିବ'ଙ୍କ ଗହନ ତତ୍ତ୍ୱ



**ଶି**ବ କହିଲେ ଆମେ ସାଧାରଣତ ଶୁଭ ବା ମଙ୍ଗଳକୁ ବୁଝିଥାଉ ଓ ମସ୍ତକରେ ଜଟାଜୁଟର ଅନ୍ତରାଳରେ ଗଙ୍ଗା, ଲଲାଟରେ ଅର୍ଦ୍ଧଚନ୍ଦ୍ର ଓ ତୃତୀୟନେତ୍ର, ଗଳାରେ ସର୍ପଧାରଣ, କଟିରେ ଗଜାଜିନ, ହସ୍ତରେ ତ୍ରିଶୁଳ ଓ ଅକ୍ଷମାଳା ଧାରଣ କରି ଧ୍ୟାନସ୍ଥ ମୁଦ୍ରାରେ ବସିଥିବା ମହାଦେବଙ୍କ ମୂର୍ତ୍ତୀକୁ ପୂଜା ବା ସ୍ମରଣ କରିଥାଉ। ତେବେ ଏହି ଶିବଶବ୍ଦ ଯେ କେତେ ଗହନ-ତତ୍ତ୍ୱ-ସମ୍ବନ୍ଧିତ ଏକ ଅନାହତ ଉଚ୍ଚାରଣ, ତାହା ପ୍ରକାଶ କରିବା ଦୁରୂହ। ବେଦ ଉପନିଷଦ-ପୁରାଣ-ସାହିତ୍ୟ ସବୁଠାରେ ଶିବଶବ୍ଦ ଓ ଶିବତତ୍ତ୍ୱର ଦୀପ୍ତି ଓ ବ୍ୟାପ୍ତି ପ୍ରଶସ୍ତ ଭାବେ ଦେଖାଯାଏ। ଶୁକ୍ଳ ଯଜୁର୍ବେଦ (୧୬/୪୧) ଅନ୍ତର୍ଗତ ଶତରୁଦ୍ରିୟ ପାଠାରେ ଶିବଶବ୍ଦର ପ୍ରୟୋଗ ଦେଖାଯାଏ। ନମଃ ଶମବାୟ ଚ ନମଃ ଶିବାୟ ଚ ଶିବତରାୟ ଚ।। ମୟଭବାୟ ଚ ନମଃ ଶଙ୍କରାୟ ଚ ମୟସ୍କରାୟ ଚ। ଅର୍ଥାତ୍ ସୁଖଶାନ୍ତିର ସୃଷ୍ଟିକାରୀଙ୍କୁ ନମସ୍କାର, ମଙ୍ଗଳକାରୀଙ୍କୁ ନମସ୍କାର, ଶିବଙ୍କୁ ନମସ୍କାର ଓ ପରମ କଲ୍ୟାଣଙ୍କୁ ନମସ୍କାର। ଆମେ ନିତ୍ୟ ପାଠ କରୁଥିବା ମହାମୃତ୍ୟୁଞ୍ଜୟ ମନ୍ତ୍ରର ମଧ୍ୟ ଉତ୍ପତ୍ତି-ଉତ୍ସ ହେଉଛି ଶୁକ୍ଳ ଯଜୁର୍ବେଦ। ଏଥିରେ (୩/୬-୬୧) ଥିବା ମନ୍ତ୍ରରେ ସୁଗନ୍ଧମୟ ତଥା ଅନ୍ନାଦିର ପୁଷ୍ଟିକୁ ବୃଦ୍ଧି କରୁଥିବା ତ୍ରିନେତ୍ର ଶିବଙ୍କୁ ସ୍ତୁତି କରାଯାଇ ମୃତ୍ୟୁ ବନ୍ଧନରୁ ମୁକ୍ତ ହେବା ଓ ଅମୃତରୁ ବଞ୍ଚିତ ନହେବା ନିମନ୍ତେ ସ୍ତୁତି କରାଯାଇଛି। ବିଶେଷତଃ ଅନ୍ୱିତା କନ୍ୟା ଉତ୍ତମ-ବରପ୍ରାପ୍ତି ପରେ ପିତୃକୁଳରୁ ବିମୁକ୍ତି ଓ ପତିକୁଳରୁ ଅବିମୁକ୍ତି କାମନା କରି ଶିବସ୍ତୁତି କରିଥିବା ଏହି ମନ୍ତ୍ରରେ ପ୍ରକାଶିତ-ତ୍ର୍ୟମ୍ବକଂ ଯଜାମହେ ସୁଗନ୍ଧିଂ ପୁଷ୍ଟିବର୍ଦ୍ଧନମ। ଉର୍ବାରୁକ ଶିବ ବନ୍ଧାନାନ୍ ମୃତ୍ୟୋର୍ମୁକ୍ଷୀୟ ମାଂମୃତାତ୍। ତ୍ର୍ୟାମ୍ବକଂ ଯଜାମହେ ସୁଗନ୍ଧିଂ ପତିବେଦନାମ୍। ଉର୍ବାରୁକଶିବ ବନ୍ଧନା ଜିତୋ ମୁକ୍ଷୀୟ ମାମୁତଃ।।। ଉପନିଷଦ୍‌ମାନଙ୍କ ଶୃଙ୍ଖଳା କ୍ରମରେ ଦେଖିଲେ, ଶ୍ୱେତାଶ୍ୱତର ଉପନିଷଦ୍ (୩/୧୧)ରେ ଶିବଶଙ୍କର ବ୍ୟାପକତା ପ୍ରକଟିତ ହୋଇଛି-ସର୍ବାନନଶିରୋଗ୍ରୀବଃ ସର୍ବଭୂତଗୁହାଶୟଃ। ସର୍ବବ୍ୟାପୀ ସ ଭଗବାଂସ୍ତସ୍ମାତ ସର୍ବଗତଃ ଶିବଃ।। ଅର୍ଥାତ୍ ସମସ୍ତଙ୍କ ମୁଖ-ମସ୍ତକ-କଣ୍ଠ-ସ୍ୱରୂପ, ସମସ୍ତଙ୍କ ହୃଦୟସ୍ଥିତ, ସର୍ବବ୍ୟାପକ, ସର୍ବାନ୍ତରଗାମୀ, ମଙ୍ଗଳମୟ ହିଁ ଭଗବାନ ପଦବାଚ୍ୟ। କୈବଲ୍ୟୋପନିଷଦ୍ (୧/୮) ମନ୍ତ୍ରରେ କୁହାଯାଇଛି-ସ ବ୍ରହ୍ମା ସ ଶିବଃ ସେନ୍ଦ୍ରଃ ସୋଽକ୍ଷରଃ ପରମଃ ସ୍ୱରାଟ। ସ ଏବ ବିଷ୍ଣୁଃ ସ ପ୍ରାଣଃ ସ କାଳୋଽଗ୍ନିଃ ସ ଚନ୍ଦ୍ରମାଃ।। ଅର୍ଥାତ୍ ପରମ ବ୍ରହ୍ମ ହେଉଛନ୍ତି ଏକଧାରରେ ବ୍ରହ୍ମା-ଶିବ-ଇନ୍ଦ୍ରାଦିଦେବଗଣ-ବିଷ୍ଣୁପ୍ରାଣ-କାଳି-ଅଗ୍ନି-ଚନ୍ଦ୍ରସ୍ୱରୂପ। ସେହିପରି ରୁଦ୍ରହୃଦୟ, ଦକ୍ଷିଣାମୂର୍ତ୍ତି, ନିଳରୁଦ୍ରାଦି ଉପନିଷଦ୍ ସମୂହରେ ଶିବ ଶବ୍ଦର ବ୍ୟବହାର ସହିତ ଶିବ ମହିମା ସୁବର୍ଣ୍ଣିତ ହେଉଛି। ଶିବ ଶବ୍ଦର ଆଭିଧାନିକ ଅର୍ଥ ହେଉଛି ମଙ୍ଗଳ ବା କଲ୍ୟାଣ। ଏହି ଶବ୍ଦ ଉଭୟ ବିଶେଷ୍ୟ ଓ ବିଶେଷଣ ଭାବରେ ବ୍ୟବହୃତ। ପାଣିନିକୃତ ଉଣାଦିକୋଷର ସୂତ୍ର (୧/୧୫୩)-ସର୍ବନିଘୃଷ୍ୱରିଷ୍ୱ ଶିବପଟ୍ ବପ୍ରହ୍ୱେଷ୍ୱା ଅତନ୍ତେ ମତରେ ଶୀ, ଙ୍ (ସ୍ୱପ୍ନେ) ଧାତୁରୁ ନିଷ୍ପନ୍ନ ଶବ୍ଦ ହେଉଛି ଶିବ, ଯାହାର ବ୍ୟୁତ୍ପତ୍ତି ବାକ୍ୟ ହେଉଛି-ଶେ ତେ ଇତି ଶିବଃ। ଅର୍ଥାତ୍ ଶିବ ସର୍ବଦା ସମାଧିସ୍ଥ ଥାଆନ୍ତି ଓ ମହାପ୍ରଳୟ ସମୟରେ ତମୋଗୁଣଯୁକ୍ତ ହୋଇ ବିନାଶକ୍ରିୟ ନିର୍ବାହ କରନ୍ତି। ପରମପୁରୁଷଙ୍କ ସୁପ୍ତିତତ୍ତ୍ୱ ହିଁ ପ୍ରଳୟର କାରଣ ଓ କାରକ ମଧ୍ୟ। ପୁନଶ୍ଚ ଅନ୍ୟମତରେ ଶେରତେ ପ୍ରାଣିନୋ ଯତ୍ର ସ ଶିବଃ। ଅର୍ଥାତ୍ ଅଶେଷ ପାପତାପରେ ଉଦ୍‌ବିଗ୍ନ ହୋଇ ପ୍ରାଣିମାନେ ବିଶ୍ରମ ନିମେନ୍ତ ଯେଉଁଠି ଶୟନ କରନ୍ତି, ସେହି ସର୍ବାଶ୍ରୟ ହିଁ ଶିବ। ଆହୁରି ମଧ୍ୟ ଭାରତକୃତ ଅମରଟୀକା ମତରେ-ଶିବଂ କଲ୍ୟାଣ ବିଦ୍ୟତେଽସ୍ୟ-ଅର୍ଥାତ୍ ମଙ୍ଗଳ ଯାହାଠାରେ ସନ୍ନିବିଷ୍ଟ, ସେ ଶିବ। ପୁନଶ୍ଚ ଶ୍ୟତି ନାଶୟତି ଅଶୁଭମିତି ଶିବଃ-ଅର୍ଥାତ୍ ଅଶୁଭର ବିନାଶକ ହିଁ ଶିବ। ଅନ୍ୟ ଏକ ମତରେ-ଶେରତେରବତିଷ୍ଠନ୍ତେଽଣିମା ଦ୍ୟାଷ୍ଟଗୁଣା ଅସ୍ମିନ୍ନିତି ଶିବଃ ଏହାର ଅର୍ଥ ହେଉଛି ଅଣିମାଦି ଅଷ୍ଟସିଦ୍ଧିମୟ ଗୁଣାବଳୀ ଯାହାଠାରେ ପରିପୂର୍ଣ୍ଣ ଅଛି, ସେ ଶିବ ନାମବାଚ୍ୟ। ଶିବୋପନିଷତ୍ (୧/୧୦) ମତରେ-ଅଶିବାଃ ପାଶସଂଯୁକ୍ତାଃ ପଶବଃ ସର୍ବଚେତନାଃ। ଯସ୍ମାଦ୍ ବିଲକ୍ଷଣା-ସ୍ତେଭ୍ୟସ୍ତସ୍ମାଦୀଶଃ ଶିବଃ ସ୍ମୃତଃ।। ଅର୍ଥାତ୍ ଜାଗତିକ ମାୟାପାଶରେ ବଦ୍ଧ ହୋଇଥିବା ତଥା ଚେତନା ଥାଇ ସୁଦ୍ଧା ଅଚେତନ-ପଶୁ ଭାବରେ ବ୍ୟବହାର କରୁଥିବା ଜୀବମନାଙ୍କୁ ପାଶମୁକ୍ତ କରୁଥିବା ଈଶ୍ୱର ହିଁ ଶିବ। ସେହିପରି ଶିବ ମହାପୁରାଣନ୍ତର୍ଗତ ବିଦ୍ୱେଶ୍ୱର ସଂହିତା (୧୮ଶ୍ଳୋକ) ମତରେ-ଶଂ ନିତ୍ୟ ସୁଖମାନନ୍ଦଶିକାରଃ ପୁରୁଷଃ ସ୍ମୃତଃ। ବକାରଃ ଶକ୍ତିରମୃତଂ ମେଳନଂ ଶିବ ଉଚ୍ୟତେ।। ତସ୍ମାଦେବଂ ସ୍ୱମାତ୍ମାନଂ ଶିବଂ କୃତ୍ୱାଽର୍ଚୟେଚ୍ଛିବମ୍।। ଅର୍ଥାତ୍ ଶିବ ଶବ୍ଦରେ ଥିବା ଶକାର ଆନନ୍ଦବାଚକ, ଇକାର ପୁରୁଷବାଚକ ତଥା ବକାର ଅମୃତଶକ୍ତିବାଚକ ଓ ଏହି ତିନି ତତ୍ତ୍ୱର ମିଳନରେ ଶିବଶବ୍ଦ ନିଷ୍ପାଦିତ। ଏଣୁ ପ୍ରତି ଜୀବ ଭଗବାନ ଶିବଙ୍କୁ ଏହିପରି ଆତ୍ମସ୍ୱରୂପ ଜାଣି ଅର୍ଚ୍ଚନା କରିବା ଉଚିତ୍। ଏହି ଶିବଙ୍କର ସହସ୍ରନାମାବଳୀ ବ୍ୟସକୃତ ମହାଭାରତର ଅନୁଶାସନ ପର୍ବର ୧୭ ଅଧ୍ୟାୟରେ ବର୍ଣ୍ଣିତ ହୋଇଛି। ଶିବ ଏକଧାରରେ ଏକରସ, ଅର୍ଦ୍ଧନାରୀ ଓ ଅର୍ଦ୍ଧପୁରୁଷ ତତ୍ତ୍ୱର ମିଳନରେ ଦ୍ୱିମୂର୍ତ୍ତି, ତ୍ରିନେତ୍ର, ସ୍ୱପ୍ନ-ସୁଷୁପ୍ତି-ଜାଗର-ତୁରୀୟାଦି ଚତୁରବସ୍ଥା ମଧ୍ୟରୁ ତୁରୀୟ (ଚତୁର୍ଥ) ସତ୍ତା ଅଥବା ପରା-ପଶ୍ୟନ୍ତୀ-ମଧ୍ୟମା-ବୈଖରି ନାମକ ଜ୍ଞାନରୂପକ-ଧ୍ୱନି ଚତୁଷ୍ଟୟର ପ୍ରେରକ, ପଞ୍ଚାନନ (ସଦ୍ୟୋଜାତ-ତତ୍‌ପୁରୁଷ-ଅଘୋର-ବାମଦେବ-ଇଶାନାଦି ପଞ୍ଚମୁଖ ଯୁକ୍ତ) ତଥା ସୃଷ୍ଟି-ସ୍ଥିତି-ଲୟ-ନିଗ୍ରହ-ଅନୁଗ୍ରହାଦି ପଞ୍ଚବିଧ ଐଶଶକ୍ତିର ଆଧାର, ଓଁ ନମଃ ଶିବାୟ ମନ୍ତ୍ରର ଅକ୍ଷରସଟ୍‌କରେ ଉଦ୍ଭାସିତ ଅଥବା ସର୍ବଜ୍ଞତା-ସଂତୃପ୍ତି-ଅଖଣ୍ଡବୋଧ-ସ୍ୱତନ୍ତ୍ରତା-ଅନବସନ୍ନତା-ଅନନ୍ତଶକ୍ତି ପ୍ରଭୃତି ଷଟ୍‌କଳା-ଯୁକ୍ତ, ବିଲ୍ୱପତ୍ର-ତୋୟ-ପୟଃ-ଦଧି-ମଧୁ-ଘୃତ-ଭସ୍ମାଦି ସପ୍ତଦ୍ରବ୍ୟରେ ସବିଶେଷ ଅଭିଷକ-ପରାୟଣ ଓ ଅଣିମାଦି-ଅଷ୍ଟସିଦ୍ଧିଦାତା ଅଥବା କ୍ଷିତି-ଅପ୍-ତେଜଃ-ମରୁତଃ-ବ୍ୟୋମ-ସୂର୍ଯ୍ୟ-ଚନ୍ଦ୍ର-ଆତ୍ମା (କ୍ଷେତ୍ରଜ୍ଞ) ପ୍ରମୁଖ ଅଷ୍ଟତତ୍ତ୍ୱର ଆଧାରରେ ଭାବ-ଶବ-ରୁଦ୍ର-ପଶୁପତି-ଉଗ୍ର-ମହାଦେବ-ଭୀମ-ଇଶାନାଦି ଅଷ୍ଟ ନାମରେ ଅଷ୍ଟମୂର୍ତ୍ତି ସ୍ୱରୂପରେ ଅର୍ଚ୍ଚିତ। ଆହୁରି ମଧ୍ୟ, ସ୍ୱତସଂହିତା (୪/୨୭-୨୮) ମତରେ-ଦେବ ଏବଂ ସ୍ୱୟଂ ଲିଙ୍ଗ ଲିଙ୍ଗଜ ଗମକ ମେ ବହି। ଅର୍ଥାତ୍ ଶିବ ହେଉଛନ୍ତି ସ୍ୱୟଂ ଜ୍ଞାନ (ଶିବଃ ପ୍ରଜ୍ଞାନେ) ଓ ଏହି ଜ୍ଞାନ ରୂପର ପ୍ରକାଶ ହେଉଛି ଲିଙ୍ଗ। ଏହି ଲିଙ୍ଗ ସତ୍-ଚିତ୍-ଆନନ୍ଦର ସମାହାର ଓ ଅଚଳ ପ୍ରତିଷ୍ଠା। ମହାପ୍ରଳୟ ସମୟରେ ସମସ୍ତ ଶକ୍ତି ଏହିଠାରେ ଲୟପ୍ରାପ୍ତ ହୋଇଥାନ୍ତି ସତ, ମାତ୍ର ଏହି ଲିଙ୍ଗର କଦାପି ଲୟ ନାହିଁ। ପୁନଶ୍ଚ ବିଦ୍ୟେଶ୍ୱର ସଂହିତା ମତରେ ଲୀନାର୍ଥଗମକଂ ଚିହ୍ନ ଲିଙ୍ଗମିତ୍ୟ ଭି ଧୀୟତେ। ମୁଖ୍ୟୋ ଭଗସ୍ତୁ ପ୍ରକୃତି ଭଗବାନି ଶିବ ରଚ୍ୟତେ।। ଅର୍ଥାତ୍ ଅବ୍ୟକ୍ତ ଶକ୍ତିର ପ୍ରକାଶକ ଲିଙ୍ଗ, ଭଗଶବ୍ଦର ଅର୍ଥ ପ୍ରକୃତି ଓ ଏହି ଦୁଇଟିର ଆଧାରରେ ଶିବ ଓ ଏକାଧାରରେ ଲିଙ୍ଗ ଓ ଭଗବାନ। ଆଜି ପବିତ୍ର ଶିବରାତ୍ରୀ ଅବସରରେ ସେହି ଲିଙ୍ଗାତ୍ମକ ଭଗବାନ ଶିବଙ୍କ ଚିନ୍ମୟ-ଜ୍ୟୋତିଃକୁ ସହସ୍ର ପ୍ରଣାମ। ଏହା କଳ୍କୀ ପୁରାଣରୁ ଆଦୃତ।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com


# ଗୁଜବ ପଛର ରହସ୍ୟ କ'ଣ?

ଭୁବନେଶ୍ୱର (ପିଏନ୍)- କିଛି ଦିନର ଅଜ୍ଞାତବାସ ପରେ ମୁଖ୍ୟମନ୍ତ୍ରୀ ପଦାକୁ ଆସିଲେ, ଲିଙ୍ଗରାଜଙ୍କୁ ଦର୍ଶନ କଲେ ଓ ଗଣମାଧ୍ୟମ ସାମନାରେ ନିଜେ ସୁସ୍ଥ ଅଛନ୍ତି ବୋଲି କହିଲେ। ସେ ସୁସ୍ଥ ଅଛନ୍ତି ଜାଣି ଆମେ ଖୁସି ଏବଂ ସୁସ୍ଥ ରୁହନ୍ତୁ ବୋଲି ଆମର ଲିଙ୍ଗରାଜଙ୍କ ପାଖରେ ପ୍ରାର୍ଥନା। କିନ୍ତୁ ନିଜେ ସୁସ୍ଥ ଅଛନ୍ତି ବୋଲି କହିବା ବେଳେ ତାଙ୍କ ସ୍ୱାସ୍ଥ୍ୟକୁ ନେଇ ଗୁଜବ ଚାଲିଛି ବୋଲି ଯେଉଁ ଟିପ୍ପଣୀ ଦେଲେ ତାହା ଆମକୁ ରହସ୍ୟମୟ ଲାଗୁଛି ବୋଲି କଂଗ୍ରେସର ରାଜ୍ୟ ମୁଖପାତ୍ର ସୁଦର୍ଶନ ଦାସ ଟିପ୍ପଣୀ ଦେଇଛନ୍ତି। ବାସ୍ତବରେ ଏ ଗୁଜବ କିଏ ଏବଂ କାହିଁକି କରୁଛି ତାହା ତଦନ୍ତସାପେକ୍ଷ। ଏହାପୂର୍ବରୁ ଜାନୁଆରୀ ୨୬ ତାରିଖରେ ଏହିଭଳି ଏକ ଗୁଜବକୁ ସେ ଖଣ୍ଡନ କରିବାକୁ ଯାଇ ଭୁବନେଶ୍ୱର ରାଜରାସ୍ତାରେ ଚାଲୁଥିବାର ଆମେ ଦେଖିଥିଲୁ। କିନ୍ତୁ ସେତେବେଳେ ନିର୍ବାଚନ ନଥିଲା। ଏବେ ନିର୍ବାଚନ ଚାଲୁଥିବା ବେଳେ ପୁଣିଥରେ ସେହିଭଳି ଏକ ଗୁଜବର ଅନ୍ତ ଘଟାଇ ସେ ଲିଙ୍ଗରାଜ ମନ୍ଦିରକୁ ଯାଇଥିବାର ଦୃଶ୍ୟ ଓଡ଼ିଶାବାସୀ ଦେଖିଲେ। ମାତ୍ର ଓଡ଼ିଶାବାସୀଙ୍କ ପାଖରେ ରହସ୍ୟ ହୋଇ ରହିଗଲା ଏହି ଗୁଜବ ପଛରେ କାହାର ହାତ ଅଛି! ଏଭଳି ଗୁଜବ ଯେପରି ରହସ୍ୟମୟ ତାକୁ ଖଣ୍ଡନ କରିବା ପାଇଁ କାର୍ଯ୍ୟ ପଦ୍ଧତି ସେହିପରି ମନରେ ଅନେକ ପ୍ରଶ୍ନବାଚୀ ସୃଷ୍ଟିକରେ। ମନରେ ପ୍ରଶ୍ନ ଆସେ ଏସବୁ ନିଜ ଦଳର ପ୍ରାୟୋଜିତ କାର୍ଯ୍ୟ ନୁହେଁ କି। ଲିଙ୍ଗରାଜ ମନ୍ଦିରକୁ ଗଲାବେଳେ ଗାଡ଼ିରୁ ଓହ୍ଲାଇବା, ଚାଲି ଚାଲି ଯିବା, ପାହାଚରେ ତଳକୁ ଯିବା ଏବଂ ଉଠିବା ଇତ୍ୟାଦିକୁ ଅବଲୋକନ କଲେ ଜଣାଯାଏ ବାସ୍ତବରେ ସେ ସଂପୂର୍ଣ୍ଣ ସୁସ୍ଥ ନାହାନ୍ତି। ତାଙ୍କର ଏଭଳି ଅସୁସ୍ଥତା ସମୟରେ ସେ ଭଲ ଅଛନ୍ତି ବୋଲି ତାଙ୍କୁ ଚଲାଇ ଚଲାଇ ନେବା ଦୁଃଖଦାୟକ। ଆମ ମୁଖ୍ୟମନ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସମସ୍ତଙ୍କର ପ୍ରାଥମିକତା। ସେଥିପ୍ରତି ସମସ୍ତେ ଧ୍ୟାନ ଦେବା ଦରକାର। ତାଙ୍କ ସ୍ୱାସ୍ଥ୍ୟକୁ ନେଇ କୌଣସି ରାଜନୀତି ହେବା ଉଚିତ ନୁହେଁ ବୋଲି ଶ୍ରୀ ଦାସ ଏକ ପ୍ରେସବାର୍ତ୍ତାରେ କହିଛନ୍ତି।

## କୋଟିଆବାସୀଙ୍କୁ କୃତଜ୍ଞତା ଜଣାଇଲା ଉତ୍କଳ ସମ୍ମିଳନୀ

ଭୁବନେଶ୍ୱର (ପିଏନ୍): କୋଟିଆ ଗ୍ରାମପଞ୍ଚାୟତରେ ଶାନ୍ତି ଶୃଙ୍ଖଳା ସହିତ ମତଦାନ ହୋଇଥିବାରୁ ଉତ୍କଳ ସମ୍ମିଳନୀ କୋଟିଆର ସମସ୍ତ ବାସିନ୍ଦାମାନଙ୍କ ସହିତ ସମସ୍ତ ଭୋଟରମାନଙ୍କୁ କୃତଜ୍ଞତା ଜ୍ଞାପନ କରିଛି। କୋଟିଆର ଜନସାଧାରଣ ଆନ୍ଧ୍ରର ଷଡ଼ଯନ୍ତ୍ରକୁ ଭୃକ୍ଷେପ ନକରି ଉତ୍ସାହର ସହିତ ଭୋଟ ଦେଇ ସମସ୍ତେ ଓଡ଼ିଶାର ବୋଲି ପ୍ରମାଣିତ କରି ଦେଇଛନ୍ତି। କୋଟିଆର ଜନସାଧାରଣଙ୍କ ସହିତ ଜିଲ୍ଲା ପ୍ରଶାସନ, ପୋଲିସ ପ୍ରଶାସନ ଓ ସ୍ଥାନୀୟ ନିର୍ବାଚନ ଅଧିକାରୀମାନେ ଧନ୍ୟବାଦର ପାତ୍ର ବୋଲି ଉତ୍କଳ ସମ୍ମିଳନୀ ପକ୍ଷରୁ ସମ୍ମିଳନୀର ମଞ୍ଚେଶ୍ୱର ଶିକ୍ଷାଞ୍ଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା କହିଛନ୍ତି।

# ବାଲେଶ୍ୱରରେ ପଲ୍‌ସ ପୋଲିଓ ଟିକାକରଣ ଅଭିଯାନ



ବାଲେଶ୍ୱର (ପିଏନ୍)- ଫେବୃଆରୀ ମାସ ୨୭ ତାରିଖଠାରୁ ବାଲେଶ୍ୱର ଜିଲ୍ଲାରେ ପଲ୍‌ସ୍ ପୋଲିଓ ଟିକାକରଣ ଅଭିଯାନ ଆରମ୍ଭ ହୋଇଛି। ୨୭ ତାରିଖ ସକାଳେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟଠାରେ ବାଲେଶ୍ୱର ଜିଲ୍ଲାପାଳ ଶ୍ରୀ କେ.ସୁଦର୍ଶନ ଚକ୍ରବର୍ତ୍ତୀ ଆନୁଷ୍ଠାନିକ ଭାବେ ଏହାର ଶୁଭାରମ୍ଭ କରିଛନ୍ତି। ଏହି ଟିକାକରଣ ଅଭିଯାନ ତିନି ଦିନ ଧରି ଚାଲିବ। ପ୍ରଥମ ଦିନରେ ଜିଲ୍ଲାର ପ୍ରତି ବ୍ଲକରେ ସ୍ଥାପିତ ବୁଥ୍‌ଗୁଡିକରେ ୦(ଶୂନ)ରୁ ୫(ପାଂଚ) ବର୍ଷର ଶିଶୁମାନଙ୍କୁ ଏହା ଦିଆଯିବାକୁ ଥିବା ବେଳେ କୌଣସି କାରଣରୁ ବାଦ୍ ପଡିଯାଇଥିବା ଶିଶୁମାନଙ୍କୁ ଆସନ୍ତା ଦୁଇ ଦିନରେ ଏହା ଦିଆଯିବ। ସ୍ୱାସ୍ଥ୍ୟକର୍ମୀମାନେ ଏହି ଦୁଇ ଦିନ ଘର ଘର ବୁଲି ଶିଶୁମାନଙ୍କୁ ପୋଲିଓ ବୁନ୍ଦା ଖୁଆଇବେ। ଏହି ଟିକାକରଣ ଅଭିଯାନ ପାଇଁ ଜିଲ୍ଲାରେ ସର୍ବମୋଟ ୧୦୬୩ଟି ବୁଥ୍ ପ୍ରତିଷ୍ଠା କରାଯାଇଛି। ୪୨୫୨ଜଣ କର୍ମଚାରୀ ୨୧୨୬ଟି ଟିମରେ ବିଭକ୍ତ ହୋଇ ଶିଶୁଙ୍କୁ ପୋଲିଓ ବୁନ୍ଦା ଖୁଆଇବେ। ଏଥିପାଇଁ ୨୦୯ଜଣ ସୁପରଭାଇଜର ଓ ୨୦୯ଟି ଗାଡି ନିୟୋଜିତ ହୋଇଛନ୍ତି। ଜିଲ୍ଲାର ୨ଲକ୍ଷ ୧୨ହଜାର ୪୫୮ଜଣ ଶିଶୁଙ୍କୁ ଟିକାକରଣ ପାଇଁ ଲକ୍ଷ୍ୟ ରଖାଯାଇଛି। ଏହି କାର୍ଯ୍ୟକ୍ରମ ଯେପରି ସଫଳତାର ସହ ଆୟୋଜିତ ହେବ ଏବଂ କେହି ବି ଜଣେ ହେଲେ ଶିଶୁ ଯେପରି ଏଥିରୁ ବଂଚିତ ନ ହେବେ, ସେଥିପ୍ରତି ଯତ୍ନବାନ ହେବାକୁ ନିର୍ଦ୍ଦେଶ ଦିଆଯାଇଛି। ଜିଲ୍ଲାରେ ପଲସ୍ ପୋଲିଓ ଟିକାକରଣ ଅଭିଯାନର ଶୁଭାରମ୍ଭ ଅବସରରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦୁଲାଳସେନ ଜଗଦ୍ଦେବ, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମୃତ୍ୟୁଞ୍ଜୟ ମିଶ୍ର, ଏଡିପିଏଚଓ ଡା. ଶଶାଙ୍କଶେଖର ଚୌଧୁରୀ, ଡିପିଏମ ଶ୍ରୀ ଅନୀଲ କୁମାର ମହାନ୍ତି, ଡିଏମଆରସିଏଚ ଏଲିନା ସାମଲ, ଆଇସିଡିଏସ୍ ପ୍ରୋଗ୍ରାମ ଅଫିସର ଶ୍ରୀମତୀ ଦ୍ରୌପଦୀ ମାର୍ଣ୍ଡିଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।




# ଆତଙ୍କି ଲିଙ୍କରେ ଗିରଫ ଇଶାନ ବୁଖାରୀଙ୍କୁ ୫ ଦିନ ପାଇଁ ରିମାଣ୍ଡରେ ନେଲା ଏସଟିଏଫ୍

ଧର୍ମଶାଳା,(ପିଏନ୍): ଧର୍ମଶାଳା ଥାନା ଅନ୍ତର୍ଗତ ନେଉଳପୁର ପଂଚାୟତ ମିଲତନଗରରୁ ଆତଙ୍କି କାର୍ଯ୍ୟକଳାପରେ ଗିରଫ କାଶ୍ମିର ଯୁବକ ସୟଦ ଇଶାନ ବୁଖାରୀ (୩୭)କୁ ଆଜି ଏସଟିଏଫ ପୁଲିସ ୫ ଦିନିଆ ରିମାଣ୍ଡରେ ନେଇଛି । ଫ୍ରଡ ଓ ବିଭିନ୍ନ ମାମଲାରେ ଏସଟିଏଫ ପୁଲିସ ବୁଖାରୀକୁ ଗତ ୧୫ ତାରିଖରେ ଘରୁ ଉଠାଇ ନେଇଥିଲା । ବୁଖାରୀ ବିଭିନ୍ନ ରାଜ୍ୟରେ ଏକାଧିକ ବିବାହ କରିବା ସହିତ ତାର ପାକିସ୍ତାନୀ ଆଇଏସଆଇ ସହିତ ଲିଙ୍କ ରହିଥିବା ଏସଟିଏଫ ଦ୍ୱାରା ତାକୁ ପଚରା ଉଚରାରାରେ ଜଣାପଡିଥିଲା । ତେବେ ସମୟ ଅଭାବରୁ ତାକୁ ୧୭ ତାରିଖ ଚଣ୍ଡିଖୋଲ କୋର୍ଟରେ ହାଜର କରାଯାଇଥିଲା । ବେଲ ନାମୁର ହେବାରୁ ତାକୁ ରଗଡିସ୍ଥିତ ବିଚାର ବିଭାଗୀୟ ଜେଲକୁ ପଠାଇ ଦିଆଯାଇଥିଲା । ତେବେ ବୁଖାରୀର ପାକିସ୍ତାନ ଲିଙ୍କ ବାହାରିଥିବାରୁ ତାକୁ ଅଧିକ ପଚରା ଉଚରା ପାଇଁ ବୁଖାରୀକୁ ୭ ଦିନିଆ ରିମାଣ୍ଡରେ ନେବା ପାଇଁ ଏସଟିଏଫ ପକ୍ଷରୁ ୧୮ ତାରିଖ ଚଣ୍ଡିଖୋଲ କୋର୍ଟରେ ଆବେଦନ କରାଯାଇଥିଲା । କୋର୍ଟ ୫ ଦିନ ପାଇଁ ରିମାଣ୍ଡ ମୁର କରିଥିବା ବେଳେ ଏସଟିଏଫ ଆଜି ତକୁ ୫ ଦିନିଆ ରିମାଣ୍ଡରେ ନେଇଛି । ବୁଖାରୀକୁ ଏସଟିଏଫ କ୍ରାଇମବ୍ରାଂଚ, କେନ୍ଦ୍ରୀୟ ଗୁଇନ୍ଦା ସଂସ୍ଥା ଓ ଏନଆଇଏ ମିଳିତ ଭାବେ ଜେରା କରିବେ । ଏହି ଜେରା ସମୟରେ ତାର ଆଇଏସଆଇ ସହିତ କିଭଳି ଲିଙ୍କ ରହିଛି । ଓଡିଶାର ମିଲତନଗରରେ ସେ କେବେଠାରୁ ରହିଛି ଏବଂ କାହା ସହିତ ତାର ସମ୍ପର୍କ ରହିଛି । ସେ ନେଇ ତାକୁ ସମ୍ପୃକ୍ତ ସଂସ୍ଥା ପକ୍ଷରୁ ପଚରା ଉଚରା କରାଯିବ । ଏସବୁ ଅଭିଯୋଗ ପ୍ରମାଣ ମିଳିଲେ ତା ବିରୁଦ୍ଧରେ ଦେଶ ଦ୍ରୋହ ମାମଲା ରୁଜୁ କରାଯିବ । ଅନ୍ୟପଟେ ନେଉଳପୁର ପଂଚାୟତ ମିଲତନଗରରେ ଭଡା ଘରେ ରହୁଥିବା ବୁଖାରୀ ସମ୍ପର୍କରେ ଆତଙ୍କି ଲିଙ୍କ ବାହାରିବା ପରେ ସେଠାକାର ବାସିନ୍ଦା ମାନେ ଭୟଭିତ ହୋଇପଡିଛନ୍ତି । ସୂଚନା ମୁତାବକ ଏକ ବିଛିନ୍ନ ସ୍ଥାନରେ ମିଲତନଗର ଗଡିଉଠିଥିବା ବେଳେ ଏଠାରେ ୯୦ ଭାଗ ଲୋକ ଝାଡଖଣ୍ଡ, ବିହାର ଓ ପଶ୍ଚିମବଙ୍ଗ ଅଂଚଳରୁ ଆସି ଏଠାରେ ବିଶେଷ ଭାବେ ଘର ଭଡାରେ ରହୁଛନ୍ତି । ତେବେ ସ୍ଥାନୀୟ ପ୍ରଶାସନ ଏମାନଙ୍କ ସମ୍ପର୍କରେ ସବିଶେଷ ତଥ୍ୟ ରଖିବା ସହିତ ସେମାନଙ୍କୁ ପଚରା ଉଚରା କରିବାକୁ ସ୍ଥାନୀୟ ଲୋକମାନେ ଦାବି କରିଛନ୍ତି ।

## ଯୁବ ଓଡିଶା ଓ ନବୀନ ଓଡିଶା କାର୍ଯ୍ୟକ୍ରମ

ଧର୍ମଶାଳା, (ପିଏନ୍): ଧର୍ମଶାଳା ମହିଳା ଜୁନିୟର କଲେଜରେ ଯୁବ ଓଡ଼ିଶା ଓ ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ବିଭିନ୍ନ ଦିବସରେ କ୍ରୀଡା, ଜନସଚେତନତା, ସଫେଇ, ପରିବେଶ ପରିଷ୍କାର ପରିଚ୍ଛନ୍ନ ରଖିବା, ସାଂସ୍କୃତିକ କାର୍ଯ୍ୟକ୍ରମରେ ନାଚଗୀତ, ରକ୍ତଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । କଲେଜ୍‌ର ଅଧକ୍ଷା ନମିତା ପରିଡ଼ାଙ୍କ ସଭାପତିତ୍ୱରେ ଛାତ୍ରୀଙ୍କ ମଧରେ ଏକକ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ରାଜ୍ୟ ସରକାରଙ୍କର ଏହି କାର୍ଯ୍ୟକ୍ରମ ଦ୍ୱାରା ଛାତ୍ରୀମାନଙ୍କର ସୃଜନଶୀଳତା ଓ ଦକ୍ଷତା ବିକାଶରେ ସହାୟକ ହେବ ବୋଲି ଅଧକ୍ଷା ସୂଚନା ଦେଇଥିଲେ । ନୋଡାଲ ଅଫିସର ଅଧାପିକା ମାଙ୍ଗଳିକା ଦାସ,ଅଧାପିକ କବିତା ସାମଲ, ପ୍ରଭାସିନୀ ପ୍ରଧାନ, ବେଦମତି ମିଶ୍ର, ସୋନାଲି ସାହୁ, ସୁଶ୍ରୀ ତାରା ରାଉତ ଓ ବିଧାୟକଙ୍କ ପ୍ରତିନିଧି ନିର୍ମଳ ପ୍ରଧାନ ଯୋଗ ଦେଇଥିଲେ । କଲେଜ କର୍ମଚାରୀ ସୁବାସ ଚନ୍ଦ୍ର ସାହୁ, ଲକ୍ଷ୍ମୀପ୍ରିୟା ବାରିକ, କାର୍ତିକ ଚନ୍ଦ୍ର ବେହେରା, ଲକ୍ଷ୍ମୀଧର ବରାଳ, ଶ୍ୟାମସୁନ୍ଦର ବାରିକ ପ୍ରମୁଖ ଉପସ୍ଥିତ ଥିଲେ । ଅଧାପକ ସୂର୍ଯ୍ୟମଣି ବାରିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ମହିଳାଙ୍କ ଅକାଳ ବିୟୋଗ

ଧର୍ମଶାଳା, (ପିଏନ୍): ଧର୍ମଶାଳା ବ୍ଲକ୍ କୁମାରୀ ପଂଚାୟତ ଦେଉଳିପାଳ ଗ୍ରାମର ଗୋବିନ୍ଦ ଚନ୍ଦ୍ର ସ୍ୱାଇଁଙ୍କ ପତ୍ନୀ କଳ୍ପନା ସ୍ୱାଇଁ(୫୩)ଙ୍କ ଅକାଳ ବିୟୋଗ ହୋଇଛି । କିଛିଦିନ ହେଲା ଅସୁସ୍ଥ ହୋଇ ସେ ଚିକିତ୍ସାଧୀନ ଥିଲେ । ମୃତ୍ୟୁ ଶଯ୍ୟା ନିକଟରେ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ । ଖବରପାଇ ଗଙ୍ଗାଧରପୁର ସରପଂଚ ତ୍ରିଲୋଚନ ଜେନା, ଜାରକାର ପୂର୍ବତନ ସରପଂଚ ପ୍ରଭୁରଂଜନ ସାମଲ, ଶିକ୍ଷକନେତା ଯୁଧିଷ୍ଠିର ସ୍ୱାଇଁ, ବେଣୁଧର ନାୟକ, ଆଦିକନ୍ଦ ସ୍ୱାଇଁ, ବଲ୍ଲିଚରଣ ସାମଲ, ନରେନ୍ଦ୍ର କୁମାର ବେହେରା, ଚିନ୍ତାମଣି ସ୍ୱାଇଁ, ବିଜୟ କୁମାର ରାୟ, ଦାମୋଦର ରାୟ, ହୃଦାନନ୍ଦ ସ୍ୱାଇଁ, ପ୍ରଫୁଲ୍ଲ କୁମାର ରାୟ, ଦିଲୀପ କୁମାର ଜେନା, ବାସୁଦେବ ପରିଡ଼ା, ଦେବବ୍ରତ ରାଉତ, ବିଷ୍ଣୁ ପ୍ରସାଦ ସାମଲ, ସଦାନନ୍ଦ ନାୟକ, ପରମାନନ୍ଦ ସ୍ୱାଇଁ, ଅସିତ୍ କୁମାର ସାମଲ, ସମାଜସେବୀ ଦେବପ୍ରସାଦ ରାୟଙ୍କ ସମେତ ବହୁବ୍ୟକ୍ତି ଶେଷଦର୍ଶନ କରିଥିଲେ । ପରେ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସଂପନ୍ନ ହୋଇଥିଲା ।

# ମଧୁଶାସନ ଗ୍ରାମର ଶ୍ରୀଦଧିବାବନଜୀଉଙ୍କ ସ୍ଥାବର,ଅସ୍ଥାବର ସମ୍ପତ୍ତି ହଡପ ଓ ଅର୍ଥ ଆତ୍ମସାତ ଅଭିଯୋଗ

କେନ୍ଦ୍ରାପଡା, (ପିଏନ)- ଜିଲ୍ଲାର ପାଟକୁରା ଥାନା ଅନ୍ତର୍ଗତ ମଧୁଶାସନ ଗ୍ରାମର ଅଧିଷ୍ଠାତା ଶ୍ରୀ ଦଧିବାବନଜୀଉଙ୍କ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ହଡପ କରାଯିବା ସହ ଅର୍ଥ ଆତ୍ମସାତ କରାଯାଇଥିବା ମଧୁଶାସନ ଗ୍ରାମପଂଚାୟତର ଅଧିବାସୀମାନେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଅଭିଯୋଗରୁ ପ୍ରକାଶ ଯେ ମଧୁଶାସନ ଗ୍ରାମର ଦୁର୍ଗା ପ୍ରସାଦ ଦାସ ନାମକ ଜନୈକ ବ୍ୟକ୍ତି ଚଂଚକତା କରି ଦେବୋତ୍ତର ବିଭାଗର କେତେକ ଅସାଧୁ କର୍ମଚାରୀଙ୍କୁ ହାତକରି ମଧୁଶାସନ ଗ୍ରାମର ଆରାଧ୍ୟ ଦେବତା ଶ୍ରୀ ଦଧିବାବନଜୀଉଙ୍କ ମନ୍ଦିର ପରିଚାଳନା ପାଇଁ ଏକ ଟ୍ରଷ୍ଟବୋର୍ଡ ଗଠନ କରି ନିଜେ ସେହି ବୋର୍ଡର ସଭାପତି ଭାବେ ପ୍ରାୟ ବର୍ଷକରୁ ଉର୍ଦ୍ଧ୍ୱ ହେବ ରହିଛନ୍ତି । ସେ ଶ୍ରୀଜୀଉଙ୍କ ସ୍ଥାବର ଓ ଅସ୍ଥାବର ସମ୍ପତ୍ତିକୁ ନିଜେ ଓ ନିଜର କିଛି ଅନ୍ଧ ସମର୍ଥକଙ୍କ ସହାୟତାରେ ହଡପ କରିବା ସହିତ ଶ୍ରୀଜୀଉଙ୍କ ଅର୍ଥ ଆତ୍ମସାତ କରୁଥିବା ଅଭିଯୋଗ ହୋଇଛି । ଶ୍ରୀଜୀଉଙ୍କ ପାଇଁ ବିଭିନ୍ନ ସମୟରେ ଦାତାମାନେ ଦାନ କରୁଥିବା ଅର୍ଥକୁ ମଧ୍ୟ ଆତ୍ମସାତ କରାଯାଉଥିବା ଅଭିଯୋଗ ହୋଇଛି । ଏପରିକି ଶ୍ରୀଜୀଉଙ୍କ ନାମରେ ଥିବା ସମ୍ପତି ମଧୁଶାସନ ମୌଜାର ଖାତା ନମ୍ବର - ୪୨୨,ପ୍ଲଟ ନମ୍ବର ୩୫୮୩ ଉପରେ ଥିବା ମୂଲ୍ୟବାନ ଶାଗୁଆନ ଗଛ ୩ଟିକୁ ରାତାରାତି କାଟି ବିକ୍ରୀ କରିବା ସହ ଖାତା ନମ୍ବର ୧୨୯୯,ପ୍ଲଟ ନମ୍ବର ୫୩୧୫ ଓ ୫୩୧୬/୫୫୯୨ ଉପରୁ ବହୁ ଦିନର ମୂଲ୍ୟବାନ ୧୦ଟି ତାଳଗଛକୁ କାଟି ବିକ୍ରୀ କରିଦେଇଥିବା ଅଭିଯୋଗ ହୋଇଛି । ସେହି ଗଛ ସବୁର ମୂଲ୍ୟ ଆନୁମାନିକ ପ୍ରାୟ ଏକଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ । ଅଭିଯୋଗକାରୀମାନେ ଏସମ୍ପର୍କରେ ଟ୍ରଷ୍ଟର ସଭାପତି ଶ୍ରୀ ଦାସଙ୍କୁ ପଚାରିବାରେ ଶ୍ରୀ ଦାସ ସେମାନଙ୍କୁ ଗୁଣ୍ଡା ଲଗାଇ ଧମକଚମକ ଦେବା ସହ ଜୀବନରୁ ମାରିଦେବାକୁ ଧମକପୂର୍ଣ୍ଣ ବାଣୀ ଶୁଣାଇଥିବା ଅଭିଯୋଗ ହୋଇଛି । ଏଥିସହିତ କେତେକ ଉଚ୍ଚପଦସ୍ଥ ସରକାରୀ ଅଧିକାରୀଙ୍କୁ ମିଛ କହି ଅଭିଯୋଗକାରୀମାନଙ୍କ ନାମରେ ଥାନାରେ ମିଥ୍ୟା ମାମଲା କରିବା ସହ ବିଭିନ୍ନ ମିଥ୍ୟା କେଶକରି ନାନା ପ୍ରକାର ଅସୁବିଧାରେ ପକାଉଥିବା ମଧ୍ୟ ଅଭିଯୋଗ ହୋଇଛି । ସେହି ଟ୍ରଷ୍ଟବୋର୍ଡରେ ଗରଦପୁର ତହସିଲଦାର ଓ ପାଟକୁରା ଥାନାର ଭାରପ୍ରାପ୍ତ ଇନିସପେକ୍ଟରଙ୍କୁ ସଦସ୍ୟ ଭାବରେ ରଖାଯାଇଥିବା ବେଳେ ଅଭିଯୋଗକାରୀଙ୍କ ପରିବାରର ୨/୩ଜଣଙ୍କ ନାମରେ ମିଥ୍ୟା ମାମଲା କରାଯାଉଥିବା ସହ ସେହି ପରିବାରର ମହିଳାମାନଙ୍କ ପ୍ରତି ଅସଦାଚରଣ କରିବାକୁ ମଧ୍ୟ ଟ୍ରଷ୍ଟର ସଭାପତି ପଛାଉନଥିବା ଅଭିଯୋଗ ହୋଇଛି ।

# ବିଜୁଳି ଓ ରାସ୍ତାରୁ ବଂଚିତ ଚନ୍ଦନପୁର ଜେନାସାହି ଗ୍ରାମବାସୀ

କେନ୍ଦ୍ରାପଡା, (ପିଏନ)- ସ୍ୱାଧିନତାର ୭୪ ବର୍ଷ ପରେ ମଧ ଗ୍ରାମବାସୀ ମାନେ ଗାଁକୁ ଯିବାକୁ ରାସ୍ତା ପାଉ ନଥିବା ବେଳେ ଗ୍ରାମ୍ୟ ବିଦ୍ୟୁତକରଣ ଯୋଜନା ସାତ ସପନ ହୋଇ ରହିଛି । ରାସ୍ତା ନଥିବାରୁ ବର୍ଷ ସାରା ପାଣି କାଦୁଅରେ ପଶି ବିଲ ଭିତରେ ନିଜ ଘରକୁ ଯାଉଥିବା ଭଳି ଏକ ବାସ୍ତବ ଚିତ୍ର କେନ୍ଦ୍ରାପଡା ବ୍ଲକ ଅଧିନ କଂସାର ପଂଚାୟତର ଚନ୍ଦନପୁର ଗ୍ରାମର ଜେନାସାହିରେ ଦେଖିବାକୁ ମିଳୁଛି । ଚନ୍ଦନପୁର ଗ୍ରାମର ପଡା ଗ୍ରାମରେ ରହୁଥିବା ପ୍ରାୟ ୨୦ଟି ପରିବାର ରାସ୍ତା ଓ ଆଲୋକ ପାଇଁ ଅଭିଶପ୍ତ ଜୀବନ ବିତାଉଥିବା ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି । କେନ୍ଦ୍ରାପଡା ଟାଉନରୁ ମାତ୍ର ୭ କିମି ଦୂରରେ ଅବସ୍ଥିତ ଏହି ଗ୍ରାମର ଅବସ୍ଥା ଆଖିରେ ନଦେଖିଲେ ବିଶ୍ୱାସ କରିହେବ ନାହିଁ । ନିର୍ବାଚନ ସମୟରେ ଭୋଟ୍ ପାଇଁ ପ୍ରଚାର କରିବାକୁ ଆସୁଥିବା ନେତା ମାନେ ରାସ୍ତା ଏବଂ ଆଲୁଅ ଯୋଗାଇ ଦେବା ପାଇଁ ପ୍ରତିଥର ଗ୍ରାମବାସୀଙ୍କୁ ପ୍ରତିଶୃତି ଦେଉଥିଲେ ମଧ ଏପର୍ଯ୍ୟନ୍ତ ତାହା ପାଣିର ଗାର ହୋଇ ରହିଛି ।

# ଜନଶକ୍ତି ପାର୍ଟି ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକ ପତ୍ର

କେନ୍ଦ୍ରାପଡା (ପିଏନ)- ଜନଶକ୍ତି ପାର୍ଟି ପକ୍ଷରୁ କରୋନା ମହାମାରୀ ସମୟରେ ରାଜ୍ୟରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇ ପଡିଥିବା ଅଭିଯୋଗ କରାଯାଇଛି । ଉଦାହରଣ ସ୍ୱରୁପ କେନ୍ଦ୍ରାପଡା ସରକାରୀ ଡାକ୍ତରଖାନାରେ ୬୨ ଟି ଡାକ୍ତର ପଦବୀ ମଧ୍ୟରୁ ମାତ୍ର ୨୩ ଜଣ ଡାକ୍ତର ଅଛନ୍ତି । ଅନେକ ସମୟରେ ଡାକ୍ତରମାନେ ବେସରକାରୀ ଭାବେ ଚିକିତ୍ସା କରୁଥିବାରୁ ଗରିବ ଅସହାୟ ଲୋକ ମାନଙ୍କୁ ପ୍ରକୃତ ଚିକିତ୍ସା କରାନଯାଇ କଟକ ବଡ ଡାକ୍ତରଖାନାକୁ ପଠାଇ ଦିଆଯାଉଛି । ଗରିବ ଲୋକଟି ଆମ୍ବୁଲାନସ ସୁବିଧାରୁ ମଧ୍ୟ ବଂଚିତ ହେଉଛି । ସେହିପରି କେନ୍ଦ୍ରାପଡା ସରକାରୀ ଡାକ୍ତରଖାନାରେ ପର୍ଯ୍ୟାପ୍ତ ସଂଖ୍ୟକ ବେଡ ନାହିଁ ଏବଂ ଯାହା କିଛି ଅଛି ତାହା ସମ୍ପୂର୍ଣ୍ଣ ଭାବେ ପୁରୁଣା ଓ ନଷ୍ଟ ହୋଇ ଯାଇଛି । ୨.୯୦ କି.ମି ବାଟ ଟ୍ରଲିରେ ବୁହା ହୋଇ ଆସିଥିବା ଅସହାୟ ମହିଳାଙ୍କ ମୃତ୍ୟୁର ପ୍ରକୃତ ତଦନ୍ତ କରାଗଲେ ଓଡିଶାରେ ସ୍ୱାସ୍ଥ୍ୟସେବାର ପ୍ରକୃତ ଚିତ୍ର ପଦାକୁ ଆସିପାରିବ । ସେହି ପରିବାରର ଜଣଙ୍କୁ ସରକାରୀ ଚାକିରୀ ପ୍ରଦାନ କରାଯାଉ । ଓଡିଶାରେ ବିଭିନ୍ନ ଖାଉଟି ସାମଗ୍ରୀ ଓ ପନିପରିବାର ଅହେତୁକ ଦର ବୃଦ୍ଧି ଜନ ସମାଜକୁ ବ୍ୟଥିତ କରୁଛି । ଏହାର ନିରାକରଣ ନିମନ୍ତେ ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଜନଶକ୍ତି ପାର୍ଟି ପକ୍ଷରୁ ଦାବୀ କରାଯାଇଛି । ଜନଶକ୍ତି ପାର୍ଟିର ରାଜ୍ୟ ସଭାପତି ଆଡଭୋକେଟ ପ୍ରଦୀପ କୁମାର ଦାଶ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ସହକାରୀ ଜିଲ୍ଲାପାଳ ଶିବ ମଲ୍ଲିକଙ୍କୁ ପ୍ରଦାନ କରିଛନ୍ତି ।

# ଚୋରୀ ମାମଲାରେ ଜିଲ୍ଲା ପୋଲିସର ସ୍ୱତନ୍ତ୍ର ସ୍କ୍ୱାର୍ଡ ଜଣକୁ ଉଠାଇନେଇଛି

କେନ୍ଦ୍ରାପଡା, (ପିଏନ)- କେନ୍ଦ୍ରାପଡା ସହରର ସଟରତାଡି ଚୋରୀ କରିବା ଓ ମହିଳା ବିଜେଡି ସଭାନେତ୍ରୀଙ୍କ ଘରୁ ଝରକା ରେଲିଂ ତାଡି ଚୋରୀ କରିବା ଘଟଣାରେ ଜିଲ୍ଲା ପୋଲିସର ସ୍ୱତନ୍ତ୍ର ସ୍କ୍ୱାର୍ଡ ଜଣକୁ ସନ୍ଦେହରେ ଉଠାଇ ନେଇ କୌଣସି ଏକ ଅଜଣା ସ୍ଥାନରେ ରଖି ପଚରାଉଚୁରା କରୁଥିବା ଜଣାପଡିଛି । ପୋଲିସ ଉଠାଇ ନେଇଥିବା ସଂପୃକ୍ତ ବ୍ୟକ୍ତି ହେଉଛନ୍ତି ଟାଉନ ଥାନା ଅନ୍ତର୍ଗତ ରଣପଡା ଗ୍ରାମର ସେକ ବାବୁ ।

# ଓଡ଼ିଶା ସରକାରଙ୍କ ବିଶ୍ୱବିଦ୍ୟାଳୟ ସଂସ୍କାର ବିରୋଧରେ ପ୍ରଧାନମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ

ବାରିପଦା, (ପିଏନ)- ଓଡ଼ିଶାରେ ବିଶ୍ୱବିଦ୍ୟାଳୟଗୁଡ଼ିକରେ ସଂସ୍କାର ଆଣିବା ନିମନ୍ତେ ଗତ ସେପ୍ଟେମ୍ବର ୪ରେ ପ୍ରକାଶିତ ଅଧାଦେଶ ସଂଖ୍ୟା ୮୨୧୯-ଆଇ-ଲେଗିସି- ୩୫/୨୦୨୦/ ଏଲକୁ ବିରୋଧ କରି ମୟୂରଭଞ୍ଜ ସିଟିଜେନ ଫୋରମ୍, ମୟୂରଭଞ୍ଜ ସାହିତ୍ୟ ପରିଷଦ ପ୍ରମୁଖ ସଙ୍ଗଠନ ସହ ଜିଲ୍ଲାର ବୁଦ୍ଧିଜୀବୀଗଣ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଷ୍ଟି ଆକର୍ଷଣ ନିମନ୍ତେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ପ୍ରକାଶିତ ଅଧାଦେଶ ଅନୁଯାୟୀ ରାଜ୍ୟରେ ଥିବା ସମସ୍ତ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଶିକ୍ଷକ ନିଯୁକ୍ତି ଏଣିକି ବିଶ୍ୱବିଦ୍ୟାଳୟ ସ୍ତରରେ କୁଳପତିଙ୍କ ଅଧକ୍ଷତାରେ ନହୋଇ ଓଡ଼ିଶା ପବ୍ଲିକ ସର୍ଭିସ୍ କମିଶନଙ୍କ ଦ୍ୱାରା କରାଯିବ । ଯାହାକୁ ନେଇ ବିବାଦ ଦେଖାଦେଇଛି । ବିଶ୍ୱବିଦ୍ୟାଳୟ ଏକ ସ୍ୱୟଂଚାଳିତ ଶିକ୍ଷା ଅନୁଷ୍ଠାନ । ଉହା ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଆର୍ଥିକ ସହଯୋଗରେ ପରିଚାଳିତ ହୋଇଥାଏ । ଏହାର ଆସିଷ୍ଟାଂଟ ପ୍ରଫେସର, ଆସୋସିଏଟ ପ୍ରଫେସର, ପ୍ରଫେସର ନିଯୁକ୍ତି ପ୍ରକ୍ରିୟା ଭାରତ ସରକାରଙ୍କ ସ୍ୱତନ୍ତ୍ର ଅନୁଷ୍ଠାନ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି)ର ନିର୍ଦ୍ଦିଷ୍ଟ ନୀତି, ମାର୍ଗଦର୍ଶୀକା ଅନୁଯାୟୀ ହୋଇଥାଏ । ସେହିପରି ବିଶ୍ୱବିଦ୍ୟାଳୟଗୁଡ଼ିକରେ ଶିକ୍ଷକମାନଙ୍କର ଚାକିରୀରୁ ଅବସର, ପଦୋନ୍ନତି, ପରିତ୍ୟାଗ, ବୀଦେଶ ଗମନ, ଅନ୍ୟ ବିଶ୍ୱବିଦ୍ୟାଳୟରେ ଯୋଗଦାନ ଆଦି କାରଣରୁ ପ୍ରତ୍ୟେକ ବର୍ଷ ବହୁ ପଦବୀ ଖାଲିପଡ଼ିଥାଏ । ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ନୀତି ଓ ମାର୍ଗଦର୍ଶୀକା ଅନୁଯାୟୀ ସମ୍ପୃକ୍ତ ବିଶ୍ୱବିଦ୍ୟାଳୟରେ କୁଳପତିଙ୍କ ଅଧକ୍ଷତାରେ ପରିଚାଳିତ ଶିକ୍ଷକ ନିଯୁକ୍ତି ଚୟନ କମିଟି ତତ୍କାଳ ଏହାର ନିଯୁକ୍ତି ପ୍ରକ୍ରିୟା ଶେଷ କରି ବିଶ୍ୱବିଦ୍ୟାଳୟର ଶୈକ୍ଷିକ ଓ ଗବେଷଣା ବାତାବରଣକୁ ରକ୍ଷା କରିପାରିଥାଏ । ବିଶ୍ୱବିଦ୍ୟାଳୟ ସମାଜର ସର୍ବୋଚ୍ଚ ସମ୍ମାନୀୟ ଜ୍ଞାନ ଓ ଗବେଷଣାର ପବିତ୍ର କ୍ଷେତ୍ର ହୋଇଥିବା ସମୟରେ କୁଳପତି ମଧ ସର୍ବୋଚ୍ଚ ସମ୍ମାନୀୟ ବ୍ୟକ୍ତି ଅଟନ୍ତି । ବିଶ୍ୱବିଦ୍ୟାଳୟମାନଙ୍କରେ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ଓଡ଼ିଶା ପବ୍ଲିକ ସାର୍ଭିସ କମିଶନଙ୍କ ଦ୍ୱାରା ପରିଚାଳିତ ହେଲେ ଖୋଲା ଖୋଲି ଭାବରେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି)ର ଶିକ୍ଷକ ନିଯୁକ୍ତି ପ୍ରକ୍ରିୟାର ନୀତି ଓ ମାର୍ଗଦର୍ଶୀକାକୁ ଉଲ୍ଲଙ୍ଘନ କରାଇବ । ପୁଣି ଓପିଏସସି ଦ୍ୱାରା ନିଯୁକ୍ତି ପ୍ରକ୍ରିୟା ଶେଷ କରିବା ଅସମ୍ଭବ ଅଟେ । ଫଳରେ ଶିକ୍ଷକ ଅଭାବ ଜନିତ ପରିସ୍ଥିତି ହେତୁ ବିଶ୍ୱବିଦ୍ୟାଳୟର ଶୈକ୍ଷିକ ଓ ଗବେଷଣା କ୍ଷେତ୍ରରେ ବିଭିନ୍ନ ସମସ୍ୟା ସୃଷ୍ଟିହେବା ସାଙ୍ଗକୁ ଅଶାନ୍ତ ବାତାବରଣର କାରଣ ପାଲଟି ଯିବ । ପୁଣି କୁଳପତି ପରି ସର୍ବୋଚ୍ଚ ପଦବୀର ଅମର୍ଯ୍ୟାଦା ହୋଇ ତାହା ପ୍ରଶାସନ ଓ ଅମଲାତନ୍ତ୍ରର ଖେଳନା ହୋଇଯିବ । ଏଥି ସହିତ ବିଶ୍ୱବିଦ୍ୟାଳୟର ଚରମ ଅଧୋଗତି ହେବ ବୋଲି ଦର୍ଶାଇ ମୟୁରଭଞ୍ଜ ସିଟିଜେନ ଫୋରମ ସଭାପତି ପୂର୍ଣ୍ଣଚନ୍ଦ୍ର ବୁଗୁଡ଼େଇ, ଓଡ଼ିଆ ଜାଗରଣ ମଂଚର ସଭାପତି ଶରତ ଚନ୍ଦ୍ର ନାୟକ, ମୟୂରଭଞ୍ଜ ସାହିତ୍ୟ ପରିଷଦର ସଭାପତି ପଦ୍ମନାଭ ସାହୁ ପ୍ରମୁଖଙ୍କ ସମେତ ଜିଲ୍ଲାରୁ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ବୁଦ୍ଧିଜୀବୀ ସ୍ୱାକ୍ଷର ସମ୍ବଳିତ ଏକ ସ୍ମାରକପତ୍ର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିବା ବେଳେ ଏହାର ନକଲ ଭାରତ ସରକାରଙ୍କ ଶିକ୍ଷାମନ୍ତ୍ରୀ, ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗର ଚେୟାରମ୍ୟାନ ଓ ସେକ୍ରେଟେରୀ, ଓଡ଼ିଶା ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ମନ୍ତ୍ରୀ, ମୟୂରଭଞ୍ଜ ଲୋକସଭା ସାଂସଦ ପ୍ରମୁଖଙ୍କୁ ପ୍ରଦାନ କରାଯାଇଛି ।




2023-2024

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com

Find us on
Facebook.com/Mps, Baripada

# କୁକୁଡାଖଣ୍ଡି ବ୍ଲକରେ କ୍ରୀଡା ଉତ୍ସବ ଅନୁଷ୍ଠିତ




କୁକୁଡାଖଣ୍ଡି (ଇପିଲି ପୂର୍ଣ୍ଣଚନ୍ଦ୍ର)(ପି.ଏନ): କୁକୁଡାଖଣ୍ଡି ମିନି ଷ୍ଟାଡିୟମ ପରିସରରେ ମୋ ଓଡିଶା ନବୀନ ଓଡିଶା ନୂଆ ଓ ମାଧ୍ୟମରେ ଏକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ କୁକୁଡାଖଣ୍ଡି ବ୍ଲକ ଅଧକ୍ଷ କାମାକ୍ଷା ପ୍ରସାଦ ପାତ୍ର ଯୋଗ ଦେଇ ଉଦ୍ଘାଟନ କରିଥିଲେ । ପ୍ରଥମ ଦିନ ଦୁଇଟି ମ୍ୟାଚ୍ ଲାଠି ଓ ଜଗଦଳପୁର, ପ୍ରଶାସନ ଓ ନିର୍ବାଚିତ ଜନପ୍ରତିନିଧି ଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିଲା କ୍ଷ ପ୍ରଥମେ ଜଗଦଳପୁର ଓ ନିର୍ବାଚିତ ଜନପ୍ରତିନିଧି ବିଜୟୀ ହୋଇଥିଲେ । ଏଥିରେ ୨୪ ଟି ଟିମ୍ ଅଂଶଗ୍ରହଣ କରିଥିଲେ । କାର୍ଯ୍ୟକ୍ରମ ରେ କେ.ମଣିବାବୁ ଉଦଘୋଷାକ ଭାବେ ଦାୟିତ୍ୱ ତୁଲାଇଥିଲେ । ବି ଡ଼ି ଓ ପଲ୍ଲବୀ ସ୍ୱାଇଁ, ମୁଖ୍ୟ କିରାଣୀ ସାହେବ ସବର,ଏଇ ଅନୁରାଗ ରଥ,ଜିପିଇଓ ସୁପ୍ରଭା ସାହୁ , କୁକୁଡାଖଣ୍ଡି ଗ୍ରାମ ପଞ୍ଚାୟତ ସରପଞ୍ଚ ବନ୍ଦନା ସେଠୀ, ସରପଞ୍ଚ କ୍ରାନ୍ତି କୁମାରୀ, ରାଧାମୋହନ ସେଠି, ବଶିଷ୍ଠ ଜେନା, ବାପେୟା ପାତ୍ର, ଅନିଲ ଗୌଡ଼, ସିମାଞ୍ଚଳ ମନ୍ତି, ସୁଦାମ ମଲିକ, ସଞ୍ଜୟ କୁମାର ସାହୁ, ଏସ ମନୋଜ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# କୁକୁଡ଼ାଖଣ୍ଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରେ ପୁରସ୍କାର ବିତରଣ ମହୋତ୍ସବ ଅନୁଷ୍ଠିତ



କୁକୁଡାଖଣ୍ଡି (ଇପିଲି ପୂର୍ଣ୍ଣଚନ୍ଦ୍ର)(ପି.ଏନ):କୁକୁଡ଼ାଖଣ୍ଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସର ରେ ଯୁବ ଓଡ଼ିଶା ନବୀନ ଓଡ଼ିଶା ଆନୁକୁଲ୍ୟରେ ପରିଚାଳିତ ହୋଇଥିବା ସାମଗ୍ରିକ ଯୁବ ବିକାଶ କାର୍ଯ୍ୟକ୍ରମ ର ପୁରସ୍କାର ବିତରଣ ମହୋତ୍ସବ ଅନୁଷ୍ଠାନ ର ଭାରପ୍ରାପ୍ତ ଅଧକ୍ଷ ତଥା ନୋଡାଲ ଅଫିସର ଶ୍ରୀଯୁକ୍ତ ଶ୍ରୀକାନ୍ତ କୁମାର ପଟ୍ଟନାୟକ ଙ୍କ ଅଧକ୍ଷତା ରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ଶ୍ରୀମତୀ ଶିବାନୀ ସେଠୀ, ସମ୍ମାନିତ ଅତିଥି ରୂପେ ସରପଞ୍ଚ ଶ୍ରୀମତୀ ବନ୍ଦନା ସେଠୀ ଏବଂ ସକାଳ ପତ୍ରିକା ର ମୁଖ୍ୟ ଏଡ଼ିଟର ଶ୍ରୀ ରାଜଗୁରୁ, ଡକ୍ଟର ଭାବାସିଶ ମହାପାତ୍ର, ଶ୍ରୀ ବସନ୍ତ କୁମାର ଜେନା ପ୍ରଭୃତି ମଞ୍ଚାସିନ ଥିଲେ । ଗତ ଡିସେମ୍ବର ୦୧ ରୁ ୦୪ ତାରିଖ ପର୍ଯ୍ୟନ୍ତ ଚାଲିଆସିଥିବା କ୍ରୀଡା, ୦୬ ତାରିଖ ରୁ ୦୮ ତାରିଖ ପର୍ଯ୍ୟନ୍ତ ସାଂସ୍କୃତିକ ଏବଂ ୧୨ ରୁ ୧୫ ତାରିଖ ପର୍ଯ୍ୟନ୍ତ ଚାଲିଥିବା ସାମାଜିକ ସେବା ଏବଂ କାର୍ଯ୍ୟକଳାପ ରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତା ରେ କୃତୀ ପ୍ରତିଯୋଗୀ ମାନଙ୍କୁ ମଞ୍ଚାସୀନ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ମଞ୍ଚାସୀନ ଅତିଥି ମାନେ ଛାତ୍ର ଛାତ୍ରୀ ଙ୍କୁ ଶୃଙ୍ଖଳାଗତ ଆଚରଣ ରଖି ଭବିଷ୍ୟତ ରେ ଉତ୍ତମ ନାଗରିକ ହେବା ପାଇଁ ଦିଗଦର୍ଶନ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସାମାଜିକ ସେବା କାର୍ଯ୍ୟକ୍ରମ ଅଧିକାରୀ ଶ୍ରୀ ବିଭୁ ପ୍ରସାଦ ପାତ୍ର ସଂଯୋଜନା କରିଥିବା ବେଳେ ଅଧ୍ୟାପିକା ଶିବାନୀ ମିଶ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମ ର ପରିଶେଷରେ ଛାତ୍ରୀ ମାନେ ପାରମ୍ପରିକ ନୃତ୍ୟ ପରିବେଷଣ କରିବା ପରେ ସମସ୍ତ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ବୃନ୍ଦ, ସ୍ୱେଚ୍ଛାସେବୀଙ୍କ ସହଯୋଗ ରେ ପୁରସ୍କାର ବିତରଣ ମହୋତ୍ସବ ସଫଳତା ହୋଇଛି ।

## ୨ ଦିନିଆ ସାଇକେଲ ଚମ୍ପିୟାନସିପ ଉଦଘାଟିତ

ପୁରୀ,(ପି.ଏନ): ପୁରୀ ଷ୍ଟର୍ଲିଂ ହୋଟେଲ ନିକଟରେ ୨ ଦିନିଆ ୪୦ ତମ ରୋଡ ସାଇକେଲ ଚାଳନା ପ୍ରତିଯୋଗିତା ଆଜି ପୂର୍ବାହ୍ନରେ ଉଦଘାଟିତ ହୋଇଯାଇଛି ।ଏଥିରେ ୧୬୦ ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି ।ଓଡିଶା ସାଇକେଲିଂ ଆସୋସିଏସନ ପକ୍ଷରୁ ଆୟୋଜିତ ଏହି ଚମ୍ପିଆନସିପ କୁ ଡେପୁଟି କଲେକ୍ଟର ରାକେଶ କୁମାର ପଣ୍ଡା ଉଦଘାଟନ କରି ସାଇକେଲ ଚାଳନା ଦ୍ୱାରା ବ୍ୟାୟାମ ସହ ଶରୀର ସୁସ୍ଥ ରହିଥାଏ ।ଏହା ଏକ ସୁନ୍ଦର ଓ ଉପଯୋଗୀ ଅଭ୍ୟାସ ହୋଇ ଥିବାରୁ ପ୍ରତ୍ୟେକ ସାଇକେଲ ଚାଳନା ମନସ୍କ ହେବାକୁ ଅନୁରୋଧ କରିଥିଲେ । କାର୍ଯ୍ୟକ୍ରମ ରେ ଜିଲ୍ଲା କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ,ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ,ଓଡିଶା ସାଇକେଲ ସଂଘର ସଭାପତି ଅର୍ଜୁନ ପୁରସ୍କାର ବିଜୟିନୀ ମିନତୀ ମହାପାତ୍ର,ସମ୍ପାଦକ ପ୍ରସନ୍ନ କୁମାର ରାଉତ, ବରିଷ୍ଠ ସାଇକେଲ ଚାଳକ ତଥା ଆୟୋଜକ ସୁଶୀଲ କୁମାର ଦାସ, ପର୍ଯ୍ୟବେକ୍ଷକ ପ୍ରଣତି ରାଣୀ ଦାସ ଓ ସଦସ୍ୟ ଅପୂର୍ବ ରଞ୍ଜନ ବେହେରା ପ୍ରମୁଖ ଯୋଗ ଦେଇ ସାଇକେଲ ଚାଳନାର ଉପକାରିତା ସମ୍ପର୍କରେ ଆଲୋକପାତ କରିଥିଲେ । ପରେ ପ୍ରତିଯୋଗୀ ମାନଙ୍କ ସାଇକେଲ ଚାଳନା କୁ ଅତିଥି ମାନେ ଶୁଭାରମ୍ଭ କରିଥିଲେ ।

# ବଣମଲ୍ଲୀ ସାହିତ୍ୟ ଓ ସେବା ସଙ୍ଗଠନ ପକ୍ଷରୁ ଶୀତ ବସ୍ତ୍ର ବଣ୍ଟନ



ଜେନାପୁର,(ପି.ଏନ୍): ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ ବୃନ୍ଦାଦେଇପୁର ପଞ୍ଚାୟତ ଅଧିନସ୍ଥ ବୃନ୍ଦାଦେଇପୁର ଅଞ୍ଚଳର ଅଗ୍ରଣୀ ସେବା ସଂଗଠନ ବଣମଲ୍ଲୀ ସାହିତ୍ୟ ଓ ସେବା ସଙ୍ଗଠନ ପକ୍ଷରୁ ଅସହାୟ ଲୋକମାନଙ୍କୁ ଶୀତବସ୍ତ୍ର ସହ ଶୁଖିଲା ଖାଦ୍ୟ ବଣ୍ଟନ କରିଥିଲେ । ସଭାପତି ନିର୍ମାଲ୍ୟ ପ୍ରଧାନଙ୍କ ନେତୃତରେ ପ୍ରତିବର୍ଷ ପରି ଏ ବର୍ଷ ମଧ ଅସହାୟ ଗରିବ,ଭିନ୍ନକ୍ଷମ ମାନଙ୍କୁ ଅସହାୟ ଶୀତ ଝାଡରୁ ରୋକିବା ପାଇଁ ଗ୍ରାମରୁ ଗ୍ରାମ ଯାଇ ଯଥା ଜେନାପୁର, ପଣସ ପଡିଆ, ବରାଳ ସାହି, ବ୍ରହ୍ମପୁର, ବରମୁଣ୍ଡୁଳି, ଦଇପୁର, ବୃନ୍ଦାଦେଇପୁର ପ୍ରଭୃତି ଗ୍ରାମରେ ୩୦ଟି ଅସହାୟ ପରିବାରଙ୍କୁ ହାଡଭଙ୍ଗା ଶୀତ ଦାଉ ରୁ ରକ୍ଷା ପାଇବା ପାଇଁ ଶୀତବସ୍ତ୍ର ବଣ୍ଟନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ବିଶିଷ୍ଟ ସମାଜସେବୀ ଅଜୟ କୁମାର ଦାସ,ଉପଦେଷ୍ଟା ପଦ୍ମନାଭ ଶତପଥୀ,ସମାଜସେବୀ ଶରତ ଚନ୍ଦ୍ର ମହାନ୍ତି, ଅବସରପ୍ରାପ୍ତ ଶିକ୍ଷକ କାହ୍ନୁଚରଣ ସାହୁ,ସଭାପତି ନିର୍ମାଲ୍ୟ କୁମାର ପ୍ରଧାନ, ଉପସଭାପତି ଲାଲମୋହନ ଶତପଥୀ, ସଭ୍ୟ ତନପ୍ରିତ ମହାନ୍ତି ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକୁ ତ୍ୱରାନ୍ୱିତ କରିଥିଲେ । ଏପରି କାର୍ଯ୍ୟକୁ ଦେଖି ଆବାଳ ବୃଦ୍ଧିଜୀବୀ ଭୂୟଶ୍ରୀ ପ୍ରଶଂସା କରିବା ସହ ସଂଗଠନର କର୍ମୀମାନଙ୍କୁ ଆର୍ଶୀବାଦ ପ୍ରଦାନ କରିଥିଲେ ।

# ବରିଷ୍ଠ ନାଗରିକ ମାନଙ୍କୁ ଆଶା ବାଡ଼ି ବଣ୍ଟନ




ପୁରୀ,(ପି.ଏନ): ବରିଷ୍ଠ ନାଗରିକ ମାନେ ପରିବାର, ରାଜ୍ୟ ଓ ଦେଶ ପାଇଁ ସମ୍ବଳ ।ସେମାନଙ୍କୁ ଉପଯୁକ୍ତ ସମ୍ମାନ ସହ ସୁରକ୍ଷା ଓ ଯତ୍ନ ଆମ ସମସ୍ତଙ୍କ ର କର୍ତ୍ତବ୍ୟ ବୋଲି କହିଛନ୍ତି ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶୁଭ୍ରାଂଶୁ କୁମାର ମହାରଣା ।ମାଟିଆପଡା ସ୍ଥିତ ରଘୁନାଥ କଲ୍ୟାଣ ମଣ୍ଡପ ଠାରେ ଆଜି ଅପରାହ୍ନରେ ନୀଳାଚଳ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ବରିଷ୍ଠ ନାଗରିକ ମାନଙ୍କୁ ଆଶା ବାଡ଼ି ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।ଏଥିରେ ଯୋଗ ଦେଇ ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ମହାରଣା ବରିଷ୍ଠ ନାଗରିକ ମାନଙ୍କ ପାଇଁ ସରକାର ବିବିଧ ଯୋଜନା ପ୍ରଣୟନ କରିଛନ୍ତି ।ସେମାନ ଙ୍କୁ ପରିଚୟ ପତ୍ର ପ୍ରଦାନ, ବାର୍ଦ୍ଧକ୍ୟ ଭତ୍ତା,ବରିଷ୍ଠ ନାଗରିକଙ୍କୁ ଆଶା ବାଡ଼ି, ଟ୍ରାଇ ସାଇକେଲ ଇତ୍ୟାଦି ଆବଶ୍ୟକୀୟ ଉପକରଣ ପ୍ରଦାନ କରାଯାଉଛି ବୋଲି କହିଥିଲେ ।ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ଯୋଗ ଦେଇ ବିଭିନ୍ନଗଳ୍ପ ଓ ଉଦାହରଣ ଛଳରେ ବରିଷ୍ଠ ନାଗରିକ ମାନଙ୍କ ଅନୁଭବ, ଅଭିଜ୍ଞତା ଏବଂ ଜ୍ଞାନ ସର୍ବଦା ସମାଜର ମାର୍ଗଦର୍ଶନ ରେ ସହାୟକ ହୋଇଥାଏ ବୋଲି କହିଥିଲେ ।ମଞ୍ଚର ସଭାପତି ବୀରେନ୍ଦ୍ର ଭୂଷଣ ହୋତା ଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ଉପ ସଭାପତି ଦୂର୍ଗା ମାଧବ ମହାପାତ୍ର, ସମ୍ପାଦକ ପ୍ରସନ୍ନ କୁମାର ଶତପଥୀ, କୋଷାଧକ୍ଷ ଅଜୟ କୁମାର ଦୀକ୍ଷିତ, ପରାମର୍ଶ ଦାତା ରମେଶ ମହାନ୍ତି, ବ୍ରଜ କିଶୋର ପଟ୍ଟନାୟକ,ସଦସ୍ୟ ରବିନ୍ଦ୍ର ଦୋରା, ଡା ମନମୋହନ ରାଉତ, ବିଦ୍ୟୁଲତା ଆଚାର୍ଯ୍ୟ,ଦେବେନ୍ଦ୍ର ମହାନ୍ତି, ହରିହର ପାଢ଼ୀ, ନିରୁପମା ମହାନ୍ତି, ସରସ୍ୱତୀ ହୋତା, ବୁଦ୍ଧିଆ ମୁଦୁଲି ଓ ପୂର୍ବତନ କାଉନସିଲର ଲକ୍ଷ୍ମୀଧର ସାହୁ ପ୍ରମୁଖ ବରିଷ୍ଠ ନାଗରିକ ମାନଙ୍କ ଆବଶ୍ୟକତା, ସମସ୍ୟା ,ସୁରକ୍ଷା ଓ ସହାୟତା ସମ୍ପର୍କରେ ଆଲୋକପାତ କରିଥିଲେ ।ପରେ ବରିଷ୍ଠ ନାଗରିକ ମାନଙ୍କୁ ଆଶା ବାଡ଼ି ବଣ୍ଟନ କରାଯାଇଥିଲା ।

# ଦୁଇ ଡ଼ଙ୍ଗାରେ ପାଦ ଦେଇ ମାମୁଁ ଭଣଜା କରୁଛନ୍ତି ହୀନ ରାଜନୀତି

ନିମାପଡା,(ପି.ଏନ):ନିର୍ବାଚନ ଯେତିକି ପାଖେଇ ଆସୁଛି ନିମାପଡାର ରାଜନୀତି ସେତିକି ସରଗରମ ହେବାରେ ଲାଗିଛି ।ସବୁଦଳ ନିଜର ପ୍ରସ୍ତୁତି ଆରମ୍ଭ କରିଥିବା ବେଳେ ନିମାପଡା କଂଗ୍ରେସରେ ଚାଲିଛି ବଡ ଷଡଯନ୍ତ୍ର । ଏପଟେ କଂଗ୍ରେସରୁ ନିର୍ବାଚନ ଲଢ଼ିବା ପାଇଁ ନିମାପଡାକୁ ଧାଇଁ ଆସିଥିବା ଜଟଣୀର ଲୋକପ୍ରିୟ ବିଧାୟକଙ୍କ ପୁଅ ସିଦ୍ଧାର୍ଥ ରାଉତରାୟ,ନିମାପଡା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟାପକ ନିରୋଦ ବରଣ ଖୁଣ୍ଟିଆ ଓ ପୂର୍ବତନ ବିଧାୟକ ରବି ସେଠୀ ନିଜ ଦମ୍ ଦେଖାଇ ନିମାପଡା ପାଇଁ ଲବି ଚଳାଉ ଥିବା ବେଳେ ଏବେ ନିମାପଡା ନିର୍ବାଚନ ମଣ୍ଡଳୀର ଗୋପ ବ୍ଲକରୁ କଂଗ୍ରେସକୁ ହଟାଇବା ପାଇଁ ମାମୁଁ-ଭଣଜା ଚଳାଇଛନ୍ତି ମହା ଷଡଯନ୍ତ୍ର ।ଭଣଜାକୁ ନେତା କରିବା ପାଇଁ କଂଗ୍ରେସ କର୍ମୀଙ୍କୁ ଧରି ବିଜୁଜନତା ଦଳ ଟିକେଟ ହାତେଇବାକୁ ଚାଲିଛି ବଡ ଷଡ଼ଯନ୍ତ୍ର ।ଦଳୀୟ କର୍ମୀଙ୍କ କାନ୍ଧରେ ଗୋଡ ଦେଇ ଚାଲିଛି କିଣା ବିକା ରାଜନୀତି ।ଏପଟେ ମାମୁଁ କଂଗ୍ରେସର ପୁରୁଖା ନେତା କହି କଂଗ୍ରେସକୁ ଭିତରୁ ଫମ୍ପା କରିବାରେ ଲାଗିଛନ୍ତି ।ଆଉ ଏପଟେ କହି ବୁଲୁଛନ୍ତି ତାଙ୍କ ଉପରେ କାଳେ ରାଜ୍ୟ କଂଗ୍ରେସର ସଭାପତିଙ୍କ ହାତ ଅଛି ।କାରଣ ତାଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀ ନିମାପଡା ନିର୍ବାଚନ ମଣ୍ଡଳୀରେ ବାନ୍ଧି ହୋଇ ଅଛନ୍ତି ।ଏମିତି କି ସେ ଯଦି ଡିମ୍ବିରୀ ଗଛ ରେ ଆମ୍ବ ଫଳିଛି କହିବେ ରାଜ୍ୟ ସଭାପତି କୁଆଡେ ତାଙ୍କ କଥାକୁ ଅନ୍ଧ ଭଳି ସମର୍ଥନ କରିବେ ବୋଲି ସେ କୁଆଡେ କହିବୁଲୁଛନ୍ତି ।ନ ହେଲେ ସଂଗଠନ ଭାଙ୍ଗିଯିବ ।ବୋଧ ହୁଏ ସେଇଥି ପାଇଁ ରାଜ୍ୟ ସଭାପତିଙ୍କ ବିଶ୍ୱାସରେ ବିଷ ଦେଇ ଭଣଜାକୁ ନେତା କରିବା ପାଇଁ ମାମୁଁ ବନରଞ୍ଜନ ଚଳାଇଛନ୍ତି ଷଡଯନ୍ତ୍ର ।ଏପଟେ କଂଗ୍ରେସର ପୁରୁଖା ନେତା ମାନେ ଏସବୁ ଦେଖି ମାମୁଁଙ୍କୁ କହିଲେ ମଧ ମାମୁଁ ଭଣଜା ପାଇଁ ଦଳକୁ ଭାଙ୍ଗିଦେବେ ହେଲେ ଭଣଜାକୁ ନେତା କରିକି ଦେଖାଇବେ ବୋଲି କାଳେ କହି ବୁଲୁଛନ୍ତି । ଏପଟେ କଂଗ୍ରେସର ପୁରୁଖା ନେତା କହି ବୁଲୁଛନ୍ତି ଆଉ କେତେଦିନ ମାମୁଁଭଣଜାଙ୍କ ହୀନ ରାଜନୀତି ଚାଲିବ । ଏପଟେ ଭଣଜା ଜିତେନ୍ଦ୍ର ନିମାପଡ଼ାରେ ସମାଜ ସେବା ନାଁରେ ଚଳାଇଛନ୍ତି ହୀନ ରାଜନୀତି । ଜିତେନ୍ଦ୍ର କିଛି ଅର୍ଥଲିପ୍ସୁ ଭଡାଟିଆ ସମର୍ଥକଙ୍କୁ ଧରି ମାମୁଁଙ୍କ ପଦର ଫାଇଦା ଉଠାଇ ନିମାପଡାରେ ବିଧାୟକ ହେବାର ସ୍ୱପ୍ନ ଦେଖୁଛନ୍ତି ।ଏପଟେ ବିଭିନ୍ନ ଗଣମାଧ୍ୟମରେ ନିଜକୁ ସମାଜସେବୀ କହୁଥିବା ବେଳେ ଭଡାଟିଆ ସମର୍ଥକଙ୍କ ମାଧ୍ୟମରେ ନିଜକୁ ନିର୍ବାଚନ ମଣ୍ଡଳୀର ବିଜେଡିର ଆଗ ଧାଡ଼ିର ନେତା ବୋଲି ପରିଚୟ ଦିଅନ୍ତି ।ମାତ୍ର ଅନୁସନ୍ଧାନରୁ ଜଣା ପଡ଼ିଛି ଯେ ଜିତେନ୍ଦ୍ର ଏ ପର୍ଯ୍ୟନ୍ତ ବିଜେଡିର ପ୍ରାଥମିକ ସଭ୍ୟ ପଦ ଗ୍ରହଣ କରିନାହାନ୍ତି ।ଏପଟେ ସୋସିଆଲ ମିଡିଆରେ ନିଜେ ବିଜେଡିର ବିଧାୟକ ଟିଡରେ ଆଗ ଧାଡିରେ ଅଛନ୍ତି ବୋଲି କହି ବୁଲୁଛନ୍ତି । ଭଣଜାକୁ ବିଜେଡିର ବିଧାୟକ ରୂପେ ଦେଖିବା ପାଇଁ ଓ କଂଗ୍ରେସ ମୁକ୍ତ ନିମାପଡା କରିବାକୁ ଲାଗିପଡିଛନ୍ତି ମାମୁଁ ଆଉ ଭଣଜା ।ଯାହାଙ୍କୁ ଦିନେ କଂଗ୍ରେସ ଦେଇଥିଲା ପରିଚୟ ସେଇ ଲୋକ ଆଜି କଂଗ୍ରେସ ମୁକ୍ତ ନିମାପଡ଼ା ତିଆରି କରିବାକୁ କରୁଛି ଷଡ଼ଯନ୍ତ୍ର ।ବିଜେଡି ଟିକେଟ ଆଶାୟୀ ଜିତେନ୍ଦ୍ର ମହାନ୍ତିଙ୍କ ମାମୁଁ ବନରଞ୍ଜନ ଯିଏ ଏବେ ବି କଂଗ୍ରେସ ଦଳର ଜଣେ ସକ୍ରିୟ ଓ ବରିଷ୍ଠ ନେତା ।ମାମୁଁଙ୍କ ରହିଛି ଗୋପ ଅଂଚଳରେ ପୁରୁଣା ସଙ୍ଗଠନ ।ଯାହାର ଭରପୁର ଫାଇଦା ନେବା ପାଇଁ ଉଦ୍ୟମ ଚଳାଇଛନ୍ତି ଭଣଜା ଜିତେନ୍ଦ୍ର ।ମାମୁଁଙ୍କ ସାଙ୍ଗଠନିକ ଦକ୍ଷତାକୁ ଉପଯୋଗ କରି ଭଣଜା ନିର୍ବାଚନ ବୈତରଣୀ ପାର ହେବା ପାଇଁ ଚଳାଇଛନ୍ତି ପ୍ରୟାସ ।ଶୁଣିବାକୁ ମିଳୁଛି ମାମୁଁ କୁଆଡେ କହିଛନ୍ତି ଭଣଯାକୁ ତୁ ଥାର୍ଡଫ୍ଲୋର କଥା ବୁଝ,ମୁଁ ସଙ୍ଗଠନ କଥା ବୁଝୁଛି ।କିଛି ଦିନ ତଳେ ନିମାପଡା ବ୍ଲକ ଦଳଭଣପୁର ଠାରେ କିଛି କଂଗ୍ରେସ କର୍ମୀଙ୍କୁ ସାଙ୍ଗରେ ଧରି ଭଣଜା ଜିତୁ ସ୍ଥାନୀୟ ଅଂଚଳର ବାସିନ୍ଦା ମାନଙ୍କୁ କିଛି କମଳ ବାଣ୍ଟି ଶସ୍ତା ବାହାବା ନେବାକୁ ବସିଥିବା ବେଳେ ସେଠାରେ ଉପସ୍ଥିତ କର୍ମୀମାନେ ମାମୁଁ ଭଣଜାଙ୍କ ଅସଲ ଚେହେରା ଖୋଲିଦେଇଛନ୍ତି ।ସେଠାରେ ଉପସ୍ଥିତ ଥିଲେ ମାମୁଁ ବନରଞ୍ଜନ ପଟନାୟକଙ୍କ ସହ ବହୁ ପୁରୁଖା କଂଗ୍ରେସ ନେତା ।ଏମିତି କି ପୁରୀ ଜିଲ୍ଲା କଂଗ୍ରେସ ଉପ ସଭାପତି ଜୟଦେବ ବରାଳଙ୍କୁ ମଧ ସେଠାରେ ଦେଖିବାକୁ ମିଳିଥିଲା ।ଅବଶ୍ୟ ରାଜନୀତିରେ ସବୁ କିଛି ସମ୍ଭବ,ହେଲେ ଗୋଟେ ଦଳରେ ରହି ସେହି କର୍ମୀ ମାନଙ୍କୁ ନିଜ ସ୍ୱାର୍ଥ ପାଇଁ ଆଗକୁ ଆଣିବା କଥାଟି ଟିକେ ଅଡୁଆରେ ପକାଇଛି ମାମୁଁ ବନରଞ୍ଜନଙ୍କୁ ।କଂଗ୍ରେସରେ ରହି ଆଉ କଂଗ୍ରେସରୁ ପରିଚୟ ପାଇ ସେହି ଦଳ ସହିତ ବେଇମାନି ମାମୁଁ ଙ୍କୁ ପଡିବନିତ ମହଙ୍ଗା !






Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751010 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray